76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୬୩ ● କଟକ ● ଗୁରୁବାର ● ୧୧ ମଇ-୨୦୨୩ ● ମେଷ ୨୫ ● ସାଲ୍ ୧୪୩୦

CUTTACK ● THURSDAY ● 11 MAY-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା

## ୮ ଦିନିଆ ରିମାଣ୍ଡରେ ଇମ୍ରାନ



ଇସଲାମାବାଦ: ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ୮ ଦିନିଆ ରିମାଣ୍ଡରେ ନେଇଛି ଦେଶର ଟପ୍ ? ଦୁର୍ନୀତି ନିରୋଧ ଶାଖା। ଗତକାଲି ଗିରଫ ହେବା ପରେ ନ୍ୟାଶନାଲ ଆକାଉଣ୍ଟବିଲିଟୀ(ଏନବିଏ) ଇମ୍ରାନ ଖାନଙ୍କୁ ଇସଲାମାବାଦର ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା। ତାଙ୍କୁ ଏନବିଏ ୧୦ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିବା ବେଳେ କୋର୍ଟ ୮ ଦିନର ଅନୁମତି ଦେଇଛନ୍ତି। ମଙ୍ଗଳବାର ଇମ୍ରାନ ଖାନ ଗୋଟିଏ ମାମଲାର ନିୟମିତ ଶୁଣାଣି ପାଇଁ ଇସଲାମାବାଦ ହାଇକୋର୍ଟରେ ହାଜର ହୋଇଥିଲେ। ଏହି ସମୟରେ କୋର୍ଟ ପରିସରରୁ ତାଙ୍କୁ ପାକ୍ ? ରେଞ୍ଜର୍ସମାନେ ଅଜଣା ସ୍ଥାନକୁ ଗିରଫ କରି ନେଇ ଯାଇଥିଲେ। ପୁଲିସ ମୁଖ୍ୟାଳୟରେ ସ୍ୱତନ୍ତ୍ର କୋର୍ଟ ପ୍ରସ୍ତୁତ କରାଯିବା ସହ ସେଠାରେ ଇମ୍ରାନ ଖାନଙ୍କୁ ହାଜର କରାଯାଇଥିଲା। ତେବେ କୋର୍ଟରେ ହାଜର ହେବା ପୂର୍ବରୁ ଇମ୍ରାନ ଖାନ ତାଙ୍କ ଓକିଲଙ୍କୁ ଭେଟିଥିଲେ। ଗିରଫ ପରେ ତାଙ୍କୁ ନିର୍ଯାତନା ଦିଆଯାଇଥିବା ଇମ୍ରାନ ଆଜି କୋର୍ଟଙ୍କୁ କହିଛନ୍ତି। ଖାନ କହିଛନ୍ତି, ଗିରଫ ପରେ ତାଙ୍କୁ ଅଜଣା ସ୍ଥାନରେ ରଖାଯାଇ ନିର୍ଯାତନା ଦିଆଯାଇଛି।

## ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର: ପୁରୀରେ ଅନୁଷ୍ଠିତ ହେବାକୁ ଥିବା ବନ୍ଦେ ଭାରତ ଏକ୍ସପ୍ରେସର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏନେଇ ସୂଚନା ଦେଇଛନ୍ତି ବିଜେପି ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଯେହେତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିଟି ବନ୍ଦେ ଭାରତ ଏକ୍ସପ୍ରେସର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାର ଦେଖିବାକୁ ମିଳୁଛି, ସେଦୃଷ୍ଟିରୁ ସେ ପୁରୀରେ ବି ବନ୍ଦେ ଭାରତ ଏକ୍ସପ୍ରେସର ଲୋକାର୍ପଣ କରିପାରନ୍ତି। ଏହା ବିଜେପି ଦଳୀୟ କର୍ମକର୍ତ୍ତାଙ୍କର ବି ଇଚ୍ଛା। ତାଛଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ ଓଡ଼ିଶାର ବିକାଶ ଦିଗରେ ଏକ ମାଇଲଖୁଣ୍ଟ। ଏନେଇ କେ ?ଣସି ତାରିଖ ସ୍ଥିରୀକୃତ ହୋଇନାହିଁ। ତେବେ ରଥଯାତ୍ରା ପୂର୍ବରୁ ପୁରୀରେ ବନ୍ଦେ ଭାରତ ଏକ୍ସପ୍ରେସର ଲୋକାର୍ପଣ ହେବ। ସୂଚନାଯୋଗ୍ୟ, ଗତ ମାସ ୨୮ ତାରିଖରେ ପ୍ରଥମ ଥର ଲାଗି ହାଓ୍ୱଡ଼ା- ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଟ୍ରାଏଲ ଚଳାଚଳ ହୋଇଥିଲା। ହାଓ୍ୱଡ଼ା- ପୁରୀ ରୁଟରେ ବନ୍ଦେ ଭାରତ ଏକ୍ସପ୍ରେସର ଟ୍ରାଏଲ ରନ୍ ହୋଇଥିଲା। ସକାଳ ୬ଟା ୧୦ରେ ହାଓ୍ୱଡ଼ାରୁ ଏହି ଏକ୍ସପ୍ରେସର ଟ୍ରାଏଲ ରନ୍ ଆରମ୍ଭ ହୋଇଥିଲା। ଏହା ଖଡ଼ଗପୁର, ଭଦ୍ରକ, ଯାଜପୁର, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାରେ ୨ ମିନିଟ ଲେଖାଏଁ ରହିବା ପୁରୀରେ ପହଞ୍ଚିଥିଲା ଏହି ଅତ୍ୟାଧୁନିକ ଟ୍ରେନ୍।

## ଏକଜିଟ୍ ପୋଲ୍: କର୍ଣ୍ଣାଟକରେ କାହାକୁ ମିଳିବନି ସ୍ପଷ୍ଟ ବହୁମତ

ବେଙ୍ଗାଲୁରୁ: ସାଧାରଣ ନିର୍ବାଚନ ପୂର୍ବରୁ କାହାର ହେବ କର୍ଣ୍ଣାଟକ ରାଜ୍ୟର ୨୨୪ ଆସନ ପାଇଁ ଭୋଟ ଗ୍ରହଣ ହେବା ପରେ ନେତାମାନଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଯାଇଛି। ଆସନ୍ତା ୧୩ ତାରିଖରେ ଇଭିଏମ ଖୋଲିବା ସହ ଚୂଡ଼ାନ୍ତ ରେଜଲ୍ଟ ପ୍ରକାଶ ପାଇବ। ତେବେ ଏହାପୂର୍ବରୁ ବିଭିନ୍ନ ଗଣମାଧ୍ୟମ ଓ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ ରେଜଲ୍ଟ ସାମ୍ନାକୁ ଆସିଛି। ଏକଜିଟ୍ ପୋଲକୁ ବିଶ୍ୱାସକୁ ନେଲେ କର୍ଣ୍ଣାଟକରେ କୌଣସି ରାଜନୀତିକ ଦଳକୁ ମିଳିବନି ସଂଖ୍ୟା ଗରିଷ୍ଠତା। ଅଧିକାଂଶ ସଂସ୍ଥା ବା ଗଣମାଧ୍ୟମ ଝୁଲା ବିଧାନସଭାର ଆକଳନ କରିଛନ୍ତି। ତେବେ ୮ଟି ଗଣମାଧ୍ୟମ ବା ସଂସ୍ଥା କରିଥିବା ଏକଜିଟ୍ ପୋଲ ରିପୋର୍ଟ ଅନୁସାରେ କଂଗ୍ରେସ ୬-୨ରେ ବିଜେପି ଠାରୁ ଆଗରେ ରହିଛି। ଏହାର ଅର୍ଥ ୫ଟି ସଂସ୍ଥା କଂଗ୍ରେସ କର୍ଣ୍ଣାଟକରେ ବିଜେପି ଠାରୁ ଅଧିକ ଆସନ ଜିତିବ ବୋଲି ଆକଳନ କରିଛନ୍ତି। ଏପରି ସ୍ଥିତିରେ ଜେଡିଏସ୍ କିଙ୍ଗ ମେକର ସାଜିବାର ଯଥେଷ୍ଟ ସମ୍ଭାବନା ରହିଛି। ୨୦୧୭ରେ ମଧ୍ୟ କଂଗ୍ରେସ ଓ ଜେଡିଏସ୍ ମିଳିତ ଭାବେ ସରକାର ଗଠନ କରିଥିଲେ। କିନ୍ତୁ ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ମେଣ୍ଟ ସରକାର ଭୁଶୁଡ଼ି ପଡ଼ିଥିଲା। ଏବେ ଜେଡିଏସ ଉପରେ ସମସ୍ତଙ୍କ ନଜର ରହିଛି। ସେହିପରି ଅଧିକାଂଶ ଗଣମାଧ୍ୟମକ ଝୁଲା ବିଧାନସଭାର ଆକଳନ କରିଥିଲେ ମଧ୍ୟ କ୍ଷମତାସୀନ ବିଜେପି ଠାରୁ କଂଗ୍ରେସ ଅଧିକ ଆସନ ପାଇବ ବୋଲି ପୂର୍ବାନୁମାନ କରିଛନ୍ତି। ଯଦି ଏକଜିଟ ପୋଲ ଅନୁଯାୟୀ, ଝୁଲା ବିଧାନସଭାର ପରିସ୍ଥିତି ସୃଷ୍ଟି ହୁଏ, ତା'ହେଲେ ସ୍ୱାଧୀନ ଓ ଅନ୍ୟାନ୍ୟ ଦଳ କିଙ୍ଗ ମେକର ସାଜିବେ। ତେଣୁ ଏହାର ଫାଇଦା ଉଠାଇବା ପାଇଁ ଆଜି ଉଭୟ କଂଗ୍ରେସ ଓ ବିଜେପି ଉଦ୍ୟମ କରିବେ। କର୍ଣ୍ଣାଟକରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୧୧୩। ଏବିପି ନ୍ୟୁଜ ସି ଭୋଟରର ଏକଜିଟ ପୋଲ ଅନୁଯାୟୀ, କର୍ଣ୍ଣାଟକରେ ବିଜେପି ୮୩ରୁ ୯୫, କଂଗ୍ରେସ ୧୦୦ରୁ ୧୧୨, ଜେଡିଏସ ୨୧ରୁ ୨୯ଟି ଆସନ ଓ ଅନ୍ୟାନ୍ୟ ଦଳ ୨ରୁ ୬ଟି ଆସନ ଜିତିବେ। ନ୍ୟୁଜ ନେଶନ-ସିଜିଏସ୍ କହିଛି ଯେ ବିଜେପି ୧୧୪, କଂଗ୍ରେସ ୮୬, ଜେଡିଏସ ୨୧ଟି ଓ ଅନ୍ୟାନ୍ୟ ଦଳ ୩ ଆସନ ଦଖଲ କରିବ। ଟାଇମ୍ସ ନାଓ-ଇଟିଜି ଅନୁମାନ କରିଛି ଯେ କଂଗ୍ରେସ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହାସଲ କରିନେବ। ସଂସ୍ଥା କହିଛି ଯେ କଂଗ୍ରେସ ୧୧୩ଟି, ବିଜେପି ୮୫, ଜେଡିଏସ୍ ୨୩ଟି ଓ ଅନ୍ୟାନ୍ୟ ଦଳ ୩ ଆସନ ଜିତିବେ। ରିପବ୍ଲିକ ଟିଭିର ଏକଜିଟ ପୋଲ ଅନୁଯାୟୀ, ବିଜେପି ଠାରୁ କଂଗ୍ରେସ ଅଧିକ ଆସନ ଜିତିବ। ଏହି ସଂସ୍ଥା କହିଛି ଯେ ବିଜେପି ୮୫ରୁ ୧୦୦ଟି, କଂଗ୍ରେସ ୯୪ରୁ ୧୦୮, ଜେଡିଏସ୍ ୨୪ରୁ ୩୨ଟି ଓ ଅନ୍ୟାନ୍ୟ ଦଳ ୨-୬ଟି ଆସନ ଜିତିବ। ଜି ନ୍ୟୁଜର ଏକଜିଟ ପୋଲ ଅନୁଯାୟୀ, ବିଜେପି ୭୯ରୁ ୯୪ଟି ଆସନ, କଂଗ୍ରେସ ୧୦୩ରୁ ୧୧୮, ଜେଡିଏସ୍ ୨୫ରୁ ୩୩ଟି ଆସନ ଓ ଅନ୍ୟାନ୍ୟ ଦଳ ୨ରୁ ୫ଟି ଜିତିବେ। ଉପକୂଳ କର୍ଣ୍ଣାଟକର ୧୯ଟି ଆସନରୁ ବିଜେପି ୧୬ଟି ଓ କଂଗ୍ରେସ ୩ଟି ଆସନ ଜିତିବାକୁ ଥିବାବେଳେ ଜେଡିଏସ ଖାତା ଖୋଲିବାକୁ ସକ୍ଷମ ହେବନି। କେନ୍ଦ୍ରୀୟ କର୍ଣ୍ଣାଟକରେ କିନ୍ତୁ କଂଗ୍ରେସ ଅଧିକ ଆସନ ପାଇବ ବୋଲି ବିଭିନ୍ନ ସଂସ୍ଥା କହିଛନ୍ତି।

## ଝାରସୁଗୁଡ଼ା ଉପନିର୍ବାଚନରେ ମତଦାନ ହାର ୭୫.୬୦%

ଭୁବନେଶ୍ୱର:ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଗତକାଲି ମତଦାନ ଶେଷ ହୋଇଛି । ସନ୍ଧ୍ୟା ୭ଟା ସୁଦ୍ଧା ମତଦାନ ହାର ୭୫.୬୦% ରହିଛି । ମୋଟ ୨୫୩ଟି ବୁଥ୍ ମଧ୍ୟରୁ ୫ଟି ବୁଥରେ ମତଦାନ ସନ୍ଧ୍ୟା ୭ଟା ପରେ ମଧ୍ୟ ଜାରି ରହିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଝାରସୁଗୁଡ଼ା ଉପନିର୍ବାଚନରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଥିବା ଜଣାପଡ଼ିଛି । ପୁରୁଷ ଭୋଟରଙ୍କ ତୁଳନାରେ ମହିଳାମାନେ ଅଧିକ ସଂଖ୍ୟାରେ ଭୋଟ୍ ଦେଇଛନ୍ତି । ମୋଟ୍ ୯ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି । ୨୦୧୯ ସାଧାରଣ ନିର୍ବାଚନରେ ଝାରସୁଗୁଡ଼ା ବିଧାନସଭା ନିର୍ବାଚନରେ ମୋଟ ମତଦାନ ହାର ୭୮.୯୨% ରହିଥିଲା । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ମତଦାନ ଆଜି ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା । ତେବେ କେତେକ ସ୍ଥାନରେ ଇଭିଏମ୍ ତ୍ରୁଟି ଯୋଗୁ ମତଦାନ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଜାରି ରହିଥିଲା । ସନ୍ଧ୍ୟା ୭ଟା ସୁଦ୍ଧା ମତଦାନ ହାର ୭୫.୬୦% ଥିବାବେଳେ ଆଉ ୫ଟି ବୁଥରେ ମତଦାନ ଜାରି ରହିଥିବା ଜଣାପଡ଼ିଛି । ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୬୮.୧୨%, ୩ଟା ସୁଦ୍ଧା ୫୫.୨୦% ରହିଥିଲା । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମତଦାନ ହୋଇଛି । ମୋଟ ୨୫୩ଟି ବୁଥରେ ୧୮୧୪ଜଣ ପୁଲିସ କର୍ମୀ ଓ ୭ କମ୍ପାନୀ କେନ୍ଦ୍ରୀୟ ପୁଲିସ ଫୋର୍ସ ମୁତୟନ ହୋଇଥିଲେ । ୨୬ଟି ପିଙ୍କ୍ ବୁଥ୍ ପ୍ରସ୍ତୁତ କରାଯାଇଥିଲା । ୧୧୬ଟି ବୁଥକୁ ସମ୍ବେଦନଶୀଳ ଘୋଷଣା କରାଯାଇ ସେଠାରେ ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡ଼ି କରାଯାଇଥିଲା । ସମସ୍ତ ବୁଥରେ ପ୍ରଥମଥର ପାଇଁ ୱେବକାଷ୍ଟିଂ ହୋଇଥିଲା । ନିର୍ବାଚନ ମଇଦାନରେ ମୋଟ ୯ଜଣ ପ୍ରାର୍ଥୀ ରହିଥିବାବେଳେ ୩ ପ୍ରମୁଖ ଦଳ ବିଜେଡିର ଦୀପାଳି ଦାସ, ବିଜେପିର ଟଙ୍କଧର ତ୍ରିପାଠୀ ଓ କଂଗ୍ରେସର ତରୁଣ ପାଣ୍ଡେଙ୍କ ମଧ୍ୟରେ ଲଢ଼େଇ ହେବାର ସମ୍ଭାବନା ରହିଛି । ଆସନ୍ତା ୧୩ତାରିଖରେ ଏହି ଭୋଟ ଗଣତି ହେବ ।

## ଓଡିଶା ଉପରେ ବାତ୍ୟାର ପ୍ରଭାବ ନାହିଁ

ଭୁବନେଶ୍ୱର:ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଉତରପଶ୍ଚିମ ଦିଗରେ ଘଂଟା ପ୍ରତି ୭ କିମି ବେଗରେ ଗତି କରୁଛି। ଆସନ୍ତାକାଲି ଏହା ଭୀଷଣ ବାତ୍ୟାରେ ପରିଣତ ହୋଇପାରେ। ତେବେ ବାତ୍ୟାର କୌଣସି ପ୍ରଭାବ ଓଡ଼ିଶା ଉପରେ ପଡ଼ିବନି ବୋଲି ଭାରତୀୟ ପାଣିପାଗ ବିଭାଗ ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, 'ଓଡ଼ିଶାକୁ ବାତ୍ୟା ଜନିତ ପବନ କି ବର୍ଷା, କିଛି ହେବନି। ପଶ୍ଚିମବଙ୍ଗ ଉପରେ ଏହା ପ୍ରଭାବ ପକାଇପାରେ। ଡିଜି ଆହୁରି କହିଛନ୍ତି ଯେ ଗଭୀର ଅବପାତଟି ଆଜି ରାତି ସୁଦ୍ଧା ବାତ୍ୟାରେ ପରିଣତ ହେବ। କାଲି ସୁଦ୍ଧା ଭୀଷଣ ଓ ୧୨ ତାରିଖ ସୁଦ୍ଧା ଅତି ଭୀଷଣ ରୂପ ନେଇପାରେ। ୧୪ ତାରିଖ ପୂର୍ବାହ୍ନରେ ବାଂଲାଦେଶ ଓ ମିଆଁମାର ମଧ୍ୟରେ ଉପକୂଳ ଛୁଇଁବାର ସମ୍ଭାବନା ରହିଛି। ବାଂଲାଦେଶ କକ୍ସବଜାର ଓ ମିଆଁମାର କ୍ୟାଉକିପିଉ ମଧ୍ୟରେ ଉପକୂଳ ଛୁଇଁବ। ଉପକୂଳ ଛୁଇଁଲା ବେଳେ ପବନ ୧୧୦ରୁ ୧୩୦ କି.ମି. ବେଗରେ ବହିପାରେ। ବାତ୍ୟାର ପ୍ରଭାବ ଓଡ଼ିଶା କି ଆନ୍ଧ୍ରପ୍ରଦେଶ ଉପରେ ପଡ଼ିବନି।ତେବେ ପଶ୍ଚିମବଙ୍ଗ ଉପକୂଳରେ ପ୍ରଭାବ ପଡ଼ିବ ଓ ୫୦ କି.ମି. ବେଗରେ ପବନ ବହିପାରେ ବୋଲି ଆଇଏମ୍‌ଡି ଡିଜି ସୂଚନା ଦେଇଛନ୍ତି। ମତ୍ସ୍ୟଜୀବୀଙ୍କୁ ଦକ୍ଷିଣ ପୂର୍ବ, କେନ୍ଦ୍ରୀୟ ବଙ୍ଗୋପ ସାଗର ଓ ଆଣ୍ଡାମାନ ସାଗର ଭିତରକୁ ଯିବାକୁ ବାରଣ କରାଯାଇଛି।

## ମହୁମାଛି ଆକ୍ରମଣରେ ଜଣେ ମୃତ, ୧୯ ଗୁରୁତର

ଭୁବନେଶ୍ୱର: ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଗରଡି ପଞ୍ଚାୟତ ବାଙ୍କୀସାହି ଗାଁର ରାମଚନ୍ଦ୍ର ସ' ଅଳିଆରେ ନିଆଁ ଲଗାଇଥିଲେ। ସେଥିରୁ ଉଠିଥିବା ଧୂଆଁ ପାଖରେ ଥିବା ଗଛରେ ବସା ବାନ୍ଧିଥିବା ମହୁମାଛିଙ୍କ ଦେହରେ ଲାଗି ଥିଲା। ପରେ ରାମଚନ୍ଦ୍ର ଓ ତାଙ୍କ ନାତିଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ନୀଳଗିରି ମେଡ଼ିକାଲ୍ ?ରେ ଭର୍ତ୍ତି କରିଥିଲେ। ସେଠାରେ ରାମଚନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା। ଅନ୍ୟପକ୍ଷରେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ କରଞ୍ଜ ଗାଁରେ ସମାନ ଘଟଣା ଘଟିଛି। ମହୁମାଛି ଆକ୍ରମଣରେ ୧୮ ଜଣ ଗୁରୁତର ଆହତ ହୋଇଛନ୍ତି। ଠାକୁରାଣୀ ଘଟଯାତ୍ରା ବିସର୍ଜନ ସମୟରେ ଏକ ଗଛ ମୂଳରେ ନିଆଁ ଜାଳି ପୂଜାର୍ଚ୍ଚନା କରୁଥିଲେ। ସେଠାରୁ ଉଠିଥିବା ଧୂଆଁ ସେହି ଗଛ ଉପରେ ଥିବା ମୋହୁ ଫେଣାରେ ବାଜି ଥିଲା। ଫଳାରେ ମହୁମାଛି ଫେଣା ଛାଡ଼ି ବାହାରକୁ ପଳାଇ ଆସିଥିଲେ।

## ୪୨ ଡିଗ୍ରୀ ଉପରେ ୭ ସହର

ଭୁବନେଶ୍ୱର: ରାଜ୍ୟରେ ତାତିର ପ୍ରକୋପ କମିବାର ନାଁ ନେଉନାହିଁ। ବୁଧବାର ୧୫ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି। ଯାହା ମଧ୍ୟ ୭ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି। ୪୨.୯ ଡିଗ୍ରୀ ସହ ଝାରସୁଗୁଡ଼ା ସହର ସର୍ବାଧିକ ଉତ୍ତପ୍ତ ସହର ପାଲଟିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଝାରସୁଗୁଡାରେ ୪୨.୯ ଡିଗ୍ରୀ , ସମ୍ବଲପୁର ୪୨.୬ , ବୌଦ୍ଧ ୪୨.୪ , ତାଳଚେର ୪୨.୨ , ଅନୁଗୁଳ ୪୨. ୧ ଏବଂ ସୁନ୍ଦରଗଡ ଓ ବଲାଙ୍ଗିରରେ ୪୨ ଡିଗ୍ରୀ ତାପମାତ୍ରା ରେକଡ; ହୋଇଛି। ସେହିପରି ହୀରାକୁଦ ୪୧.୯, ରାଉରକେଲା ୪୧.୮, ବରଗଡ ୪୧, ସୋନପୁର ୪୦.୮,ବାରିପଦା ୪୦.୬, ଟିଟଲାଗଡ ୪୦.୫, ନୟାଗଡ ୪୦.୨ ଓ ମାଲକାନଗିରିରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।ଟ୍ୱିନ୍ ସିଟି କଟକ ଓ ଭୁବନେଶ୍ୱରରେ ଯଥାକ୍ରମେ ୩୯ ଡିଗ୍ରୀ ଓ ୩୮.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ଅଫିସରଙ୍କ ଗସ୍ତ ବେଳେ ମନ୍ତ୍ରୀମାନେ ଛତା ଧରିବାର ପରମ୍ପରା କେବଳ ବିଜେଡ଼ି ସରକାରରେ ରହିଛି:ବିଜେପି

ଭୁବନେଶ୍ୱର (ପିପିଏସ୍): ସରକାରୀ ଅଧିକାରୀଙ୍କ ଗସ୍ତରେ ମନ୍ତ୍ରୀମାନେ ଛତା ଧରିବାର ଦେଖାଯାଉଛି । ଏହା ହେଉଛି ବିଜେଡି ସରକାରର ପରମ୍ପରା । ତେଣୁ ଅନ୍ୟକୁ କିଛି ଶିଖାଇବା ପୂର୍ବରୁ ବିଜେଡି ପ୍ରବକ୍ତା ମାନେ ନିଜେ ଶିଖିଲେ ଭଲ ହୁଅନ୍ତା ବୋଲି ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି ରାଜ୍ୟ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳ ।

ସେ କହିଛନ୍ତି ଯେ ବିଜେଡ଼ି ପ୍ରବକ୍ତା ଯେଉଁ ବିଷୟକୁ ଉପସ୍ଥାପନା କରିଛନ୍ତି, ତାହା ହାସ୍ୟାସ୍ପଦ। ବିଜେପି ଐତିହ୍ୟ ଓ କୀର୍ତିରାଜିର ସଂରକ୍ଷଣ ପାଇଁ ସବୁବେଳେ ଲଢ଼େଇ କରି ଆସିଛି କିନ୍ତୁ ବିଜେଡି କେବଳ ରାଜନୀତି କରିବା ଛଡା ଆଉ କିଛି ଜାଣୁନାହିଁ । ବିଜେପିରେ କୌଣସି ପ୍ରତିଯୋଗିତା ନେତାମାନେ କରନ୍ତି ନାହିଁ ବରଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସର୍ବଦା ଚେଷ୍ଟା କରନ୍ତି । କପିଳେଶ୍ୱର ମନ୍ଦିର ସମ୍ପର୍କୀୟ ଏଏସଆଇ ଗେଜେଟ୍ ଏବଂ ଚିଠିକୁ ଠିକରେ ପଢିଥିଲେ ବିଜେଡ଼ି ପ୍ରବକ୍ତା ଏଭଳି ଅପରିପକ୍ୱତା ମାନସିକତାର ଉତର ଦେଇନଥାନ୍ତେ ।

କିଛି ନ କରି ସବୁବେଳେ ଶ୍ରେୟ ନେବାର ଦଳ ହେଉଛି ବିଜେଡ଼ି ଦଳ ଓ ବିଜେଡ଼ି ସରକାର । ପ୍ରଥମେ ଅକ୍ଟୋବର ୨୦୧୯ରେ ନିପନ ଷ୍ଟିଲ୍ ଓଡ଼ିଶାରେ ହେବା ନେଇ କୁହାଯାଇଥିବା ବେଳେ ୨୦୨୩ରେ ବିଜେଡ଼ି ସେହି କଥାକୁ ଉଠାଇ ବାହାବା ନେବା ପାଇଁ ଚେଷ୍ଟା କରିଥିଲା । ସେହିପରି ଡିସେମ୍ବର ୨୦୧୭ରେ ପାରଳା ମହାରାଜାଙ୍କ ବିୟୋଗ ହୋଇନଥିବା ସତ୍ୱେ ମୁଖ୍ୟମନ୍ତ୍ରୀ ଏକ ଶୋକବାର୍ତା ଦେଇଥିଲେ କି ନାହିଁ ? ଏହି ମନ୍ତବ୍ୟକୁ ନେଇ ସେତେବେଳେ ଚର୍ଚ୍ଚାକୁ ଆସିଥିଲେ ମୁଖ୍ୟମନ୍ତ୍ରୀ । ନିକଟରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ନେଇ ଭାରତ ସରକାର ଘୋଷଣା କରାଯିବା ପରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଜେଡି ସରକାରରେ ଥିବା ମନ୍ତ୍ରୀ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ନେଇ କେନ୍ଦ୍ରକୁ ପତ୍ର ଲେଖିବା ହାସ୍ୟାସ୍ପଦ ନୁହେଁ କି ? ଏହା ଉପରେ ବିଜେଡି ପ୍ରବକ୍ତା ଉତ୍ତର ରଖିବେ କି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି ।

## ଡକାୟତି ମାମଲାରେ ଜେଲ୍ ଗଲେ ବିଜେଡି ନେତା



ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା ବିଜେଡି ଯୁବ ସାଧାରଣ ସମ୍ପାଦକ ବାବୁନି ନାୟକ ଡକାୟତି, ହତ୍ୟା ଉଦ୍ୟମ ଓ ବଟି ମାଗିବା ମାମଲାରେ ଗିରଫ ହୋଇଛନ୍ତି । ଗତ ୮ ତାରିଖରେ ନବରଙ୍ଗପୁର ପୁଲସ୍, ବାବୁନି ନାୟକ ଓ ତା'ର ୬ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆଜି ଏହି ପ୍ରସଙ୍ଗରେ ବିଜେଡିକୁ ଆକ୍ରମଣ କରିଛି ଜିଲ୍ଲା ବିଜେପି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ଛତ୍ରଛାୟା ତଳେ ବାବୁନି ଅପରାଧିକ ସାମ୍ରାଜ୍ୟ ବିସ୍ତାର କରି ବିଜେଡିକୁ ଫଣ୍ଡିଂ କରୁଥିବା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝୀ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଗତ ୭ ତାରିଖ ବିଳମ୍ବିତ ରାତିରେ ବଣିଆ ଗାଁରେ ଥିବା 'ମା' ଭଣ୍ଡାରଘରଣୀ କାଜୁ ମିଲ୍'ରେ ଡକାୟତି କରିବା ପାଇଁ ଯୋଜନା ଚାଲିଥିଲା। କୌଣସି ସୂତ୍ରରୁ ଖବର ପାଇ ଟାଉନ୍ ? ଥାନା ପୁଲିସର ଏକ ଟିମ୍ ଅଚାନକ ଚଢ଼ଉ କରି ୯ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୯ ଜଣଙ୍କ ନାଁରେ ଜିଲ୍ଲା ସହ ପଡୋଶୀ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର କିଛି ଥାନାରେ ବହୁ ଅପରାଧୀକ ମାମଲା ରହିଥିଲା। ଗିରଫ ଅଭିଯୁକ୍ତମାନେ ବ୍ୟବସାୟୀ, ଠିକାଦାର, କାଜୁ ବ୍ୟବସାୟୀଙ୍କୁ ଧମକଚମକ ଦେଇ ବଟି ଆଦାୟ କରୁଥିଲେ।

## ଦୁଇ ଯନ୍ତ୍ରୀଙ୍କୁ ୩ ବର୍ଷ ଓ କିରାଣୀଙ୍କୁ ୨ ବର୍ଷ ଜେଲ୍

ଭୁବନେଶ୍ୱର: ସରକାରୀ ଅର୍ଥ ହଡ଼ପ କରିବା ଓ ଲାଞ୍ଚ ନେଇ ଧରାପଡ଼ିବା ମାମଲାରେ ଆଜି ଦୁଇ ଯନ୍ତ୍ରୀଙ୍କୁ ୩ ବର୍ଷ ଲେଖାଏଁ ଓ ଜଣେ କିରାଣୀଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ କାମ କରୁଥିବା ୨ ଯନ୍ତ୍ରୀଙ୍କୁ ୩ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ହୋଇଛି। ବିନା କାମରେ ବିଧାୟକ ପାଣ୍ଠିରୁ ଟଙ୍କା ହଡ଼ପ ମାମଲାରେ ଆଜି ଏହି ଦଣ୍ଡାଦେଶ ଦେଇଛନ୍ତି କେନ୍ଦୁଝର ଭିଜିଲାନ୍ସ କୋର୍ଟ। ଏହି ଦୁଇ ଯନ୍ତ୍ରୀ ହେଲେ ଶଙ୍କର୍ଷଣ ବେହେରା ଓ ଅଶୋକ କର। ୨୦୦୪-୦୫ରେ ଏହି ଟଙ୍କା ହଡ଼ପ ମାମଲା ହୋଇଥିଲା। ଆନନ୍ଦପୁରରେ ସହକାରୀ ଯନ୍ତ୍ରୀ ଥିବା ବେଳେ ଟଙ୍କା ହଡ଼ପ କରିଥିବା ସଙ୍କର୍ଷଣ ଏବେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଆଖୁପଡ଼ା ଜଳସେଚନ ସବ୍ ?ଡିଭିଜନ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ଭାବେ କାମ କରୁଛନ୍ତି। ଯେତେବେଳେ କି କେନ୍ଦୁଝର ବାଂଶପାଳ ବ୍ଲକରେ ଯନ୍ତ୍ରୀ ଥିବା ଅଶୋକ ଏବେ କାର୍ଯ୍ୟରୁ ଅବସର ନେଇସାରିଛନ୍ତି। ଭିଜିଲାନ୍ସ ପକ୍ଷରୁ ପ୍ରଦାନ କରାଯାଇଥିବା ସାର୍ଜସିଟ୍ ଉପରେ ବିଚାର କରି ସ୍ୱତନ୍ତ୍ର କୋର୍ଟ ଏହି ରାୟ ଦେଇଛନ୍ତି। ୨୦୦୪-୦୫ରେ ଆନନ୍ଦପୁର ବ୍ଲକ ଅନ୍ତର୍ଗତ ସାଲାବନି ହାଇସ୍କୁଲ ଘର ନିର୍ମାଣ କାମରେ ସେମାନେ ଟଙ୍କା ହଡ଼ପ କରିଥିବା ପ୍ରମାଣିତ ହୋଇଛି। ନକଲି ରିପୋର୍ଟ ଉପସ୍ଥାପନ କରି ସେମାନେ ଏହି ସ୍କୁଲ କାମ ସରିଯାଇଥିବା ଦର୍ଶାଇଥିଲେ। ହେଲେ ପ୍ରକୃତରେ ସ୍କୁଲ ନିର୍ମାଣ କାମ ସାରି ନ ଥିଲେ। ଯାହା ସରକାରୀ ଅର୍ଥ ବଟମାରଣାକୁ ପ୍ରମାଣିତ କରିଥିଲା।

## ଟଙ୍କା ପାଇଁ ମା'କୁ ଜୀଅନ୍ତା ଜାଳି ଦେଲା ପୁଅ

ଯାଜପୁର: ଟଙ୍କା ପାଇଁ ମା'କୁ ଜିଅନ୍ତା ଜାଳିଦେଲା ପୁଅ । ମା' ଛଟପଟ ହୋଇ ମରିଯିବା ପରେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛି ନୃଶଂସ ପୁଅ। ଏପରି ଏକ ଛାତିଥରା ଘଟଣା ଗତକାଲି ବିଳମ୍ବିତ ରାତିରେ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ଜାଫରପୁର ଗ୍ରାମରେ ଘଟିଛି। ମୃତ ମହିଳାଜଣକ ହେଲେ ଜାଫରପୁର ପଞ୍ଚାୟତ ଜଗବନ୍ଧୁ ମାଳିକଙ୍କ ସ୍ତ୍ରୀ ସଞ୍ଜୁଲତା ମାଳିକ । ତାଙ୍କୁ ହତ୍ୟା କରି ବଡ଼ ପୁଅ ବିପିନ ଫେରାର ହୋଇ ଯାଇଥିବା ଜଣାଯାଇଛି। ବିପିନ ଦେଢ ବର୍ଷ ହେଲା ଅନ୍ୟ ଜାତିରେ ବିବାହ କରିଥିବାରୁ ପାରିବାରିକ କଳହ ଲାଗି ରହିଥିଲା। ପ୍ରଥମେ ଅଲଗା ରହୁଥିବା ବିପିନ କିଛି ଦିନ ହେବ ପତ୍ନୀ ସହ ଆସି ଘରେ ରହୁଥିଲେ। ଏହାପରେ ସେ ନିଜର ବ୍ୟବସାୟ ଆରମ୍ଭ କରିବାକୁ ମା'ଙ୍କୁ ଦେଢ ଲକ୍ଷ ଟଙ୍କା ମାଗିଥିଲେ। ମାତ୍ର ଏଥିନିମନ୍ତେ ତାଙ୍କ ମା' ମନା କରି ଦେବାରୁ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିବା ବେଳେ ବିପିନ ନିଜ ମା'ଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ହୁତୁହୁତୁ ହୋଇ ଜଳୁଥିବା ସଞ୍ଜୁଲତା ବଞ୍ଚାଇବାକୁ ଆର୍ତ୍ତ ଚିତ୍କାର କରିଥିଲେ। ପାଖପଡ଼ୋଶୀ ପହଞ୍ଚିଥିଲେ ବି ତାଙ୍କୁ ବଞ୍ଚାଇବା ସମ୍ଭବପର ହୋଇ ପାରି ନ ଥିଲେ। ନିଆଁରେ ପୋଡ଼ି ହୋଇ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା।

### ସମ୍ପାଦକୀୟ

ସାଇବର ବିପଦ

### ବାଟେଘାଟେ



ଜାନକୀ-ବସନ୍ତ ସ୍ୱର୍ଣ୍ଣିମ ଅଧ୍ୟାୟ  
ମନେପଡେ କଂଗ୍ରେସର  
ବିତର୍କ ପାଇଁକି ମୁକିମ ସାହେବ  
ହୋଇ କରି ଆଗଭର  
ବାଛିଲେ ଭୁବନେଶ୍ୱର  
ନିରଞ୍ଜନ ସୌମ୍ୟ ଚିରଂଜିବି ମିଶି  
ମାରିଲେ କଟାକ୍ଷ ତୀର  
ସୁରେଶ ମହାପାତର  
କହିଲେ କଂଗ୍ରେସ ଗୋଡ଼  
ଟାଣିବାକୁ  
ଏ ଗୋଟେ ଭଲ ବିଚାର ।

-ରାହୀ

## ଛପର ଉଡ଼େଇନେଲା କାଳବୈଶାଖୀ, ୭ ଛାତ୍ରଛାତ୍ରୀ ଆହତ

ଭୁବନେଶ୍ୱର: ଅସହ ଗୁଳୁଗୁଳି ସାଙ୍ଗକୁ କାଳବୈଶାଖୀ ବର୍ଷା ସହ ପବନରେ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଶିକ୍ଷାନୁଷ୍ଠାନ ଅନ୍ତର୍ଗତ ସୁନାପେଣ୍ଟ ଗ୍ରାମପଂଚାୟତ ଟିଗିରିଆ ଠାରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛପର ଉଡେଇନେଲା କାଳବୈଶାଖୀ ୭ଜଣ କୁନି ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଆହତ ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଇଛନ୍ତି । ବିଶେଷତ୍ୱରୁ ପ୍ରକାଶ ଯେ ଉକ୍ତ ଗ୍ରାମପଂଚାୟତ ମାଟିହୁଡି ଗ୍ରାମର ତ୍ରିଲୋଚନ ମହାନ୍ତ ନାମକ ବ୍ୟକ୍ତି ଟିଗିରିଆ ଗ୍ରାମ୍ୟ ଖସରା ଜଙ୍ଗଲକୁ ସଫା କରି ବେନିୟମ ଭାବେ ବିଦ୍ୟାଳୟ ନିର୍ମାଣ କରିଥିଲେ। ଗ୍ରାମବାସୀଙ୍କ ବିରୋଧ ସତ୍ୱେ ବି ରାତି ଅଧିଆ ପ୍ରଶାସନକୁ ଚ୍ୟାଲେଞ୍ଜ ଦେଇ ବିଦ୍ୟାଳୟ ଗୃହ ନିର୍ମାଣ କରିବାରେ ସଫଳ ହୋଇଥିଲେ। ସେଠାରେ ଦୀର୍ଘ ୩ବର୍ଷରୁ ଉର୍ଦ୍ଧ୍ୱ ହେବ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ନାମରେ ବିଦ୍ୟାଳୟ ଖୋଲି ସେଠାରେ ଅସୁରକ୍ଷିତ ଗୃହରେ ୪୦ରୁ ଉର୍ଦ୍ଧ୍ୱ କୁନି ଛାତ୍ରଛାତ୍ରୀଙ୍କୁ ହଷ୍ଟେଲରେ ରଖି ଶିକ୍ଷାଦାନ ଦେଉଥିଲେ। ହେଲେ ବୁଧବାର ଅପରାହ୍ନ ସମୟର କାଳବୈଶାଖୀ ବିଦ୍ୟାଳୟକୁ ଭାଙ୍ଗିରୁଜି ଛାରଖାର କରିଥିବା ବେଳେ ଅଳ୍ପକେ ବର୍ତିଗଲେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ। ସେଥିମଧ୍ୟରୁ ଛୋଟୁଙ୍ଗ ଗ୍ରାମର ୪ର୍ଥ ଶ୍ରେଣୀର ଛାତ୍ର ସତ୍ୟଜିତ ଦେହୁରୀ ଓ ଚିଲିକିଧରା ଗ୍ରାମର ମୁକେଶ ପାତ୍ର, ସାନ୍ତରାପୁର ଗ୍ରାମର ୩ୟ ଶ୍ରେଣୀର ଛାତ୍ର ସୁଭମ ମହାନ୍ତ, ସାନଶିଆଡିମାଳ ଗ୍ରାମର ଧର୍ମପ୍ରସାଦ ମୁଣ୍ଡା, ୧ମ ଶ୍ରେଣୀର ଛାତ୍ର ତପୁ ମୁଣ୍ଡା, ଅଁଳାଯୋଡ଼ି ଗ୍ରାମର ରାଜେଶ୍ୱର ମୁଣ୍ଡା, ଏବଂ କଂଟୁଳା ଗ୍ରାମର ଛାତ୍ରୀ ଦୀପିକା ମହାନ୍ତ ଆହାତ ହୋଇଛନ୍ତି। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଚିକିତ୍ସା କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏଠାରେ ବଡ଼ ପ୍ରଶ୍ନ ଯେ ବର୍ତମାନ ଭୀଷଣ ଗରମ ସହ ଗୁଳୁଗୁଳି ନିମନ୍ତେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ବିଦ୍ୟାଳୟ ବନ୍ଦ ରହିଥିବା ବେଳେ କିଭଳି ଏହି ବିଦ୍ୟାଳୟ ଖୋଲା ରହିଥିଲା। ଅଭିଭାବକଙ୍କ କହିବା ଅନୁସାରେ ସ୍କୁଲର ମାଲିକ ତ୍ରିଲୋଚନ ମହାନ୍ତ ଟିଉସନ୍ ସହ କୋଚିଂ ଦିଆଯିବ କହି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ଛାଡ଼ିବା ପାଇଁ କହିଥିଲେ। ତେଣୁ ଆମେ ତାଙ୍କ କଥା ଅନୁସାରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟରେ ଛାଡ଼ିଥିଲୁ। ଅନ୍ୟପଟେ ଅଭିଭାବକଙ୍କୁ ଶ୍ରୀମହାନ୍ତ ବିଭିନ୍ନ ପ୍ରଲୋଭନ ଦେଖାଇ ଘଟଣାର ସତ୍ୟତା ଲୁଚାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର୍ କରି ବିନା ଖାତା ଖତିଆନରେ ଚାଲୁଥିଲା ବିଦ୍ୟାଳୟ। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ସହ ଜିଲ୍ଲା ଶିକ୍ଷା ବିଭାଗ ଦୃଷ୍ଟି ଦେଇ ଏଭଳି ବେଆଇନ ବିଦ୍ୟାଳୟକୁ ବନ୍ଦ କରାଇବାକୁ ଜନସାଧାରଣଙ୍କ ଦାବି ହୋଇଛି।

## ୫୨୯ କୋଟି ୫୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର(ପିପିଏସ୍): ରାଜ୍ୟ ସରକାର ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟଗୁଡିକୁ ୨୦୨୩ ଡିସେମ୍ବର ସୁଦ୍ଧା ୫ ଟିରେ ରୂପାନ୍ତରିତ କରିବାକୁ ନିଷ୍ପତି ନେଇଛନ୍ତି । ବିଦ୍ୟାଳୟ ଶିକ୍ଷା ସଚିବ ଅଶ୍ୱଥି ଏସ୍ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ମୋ ସ୍କୁଲ ଅଭିଯାନ'ର ୪୦ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଚତୁର୍ଥ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ପ୍ରସ୍ତାବିତ ସମୟସୀମା ପୂର୍ବରୁ ଶେଷ କରିବା ନେଇ ଆଲୋଚନା ହୋଇଥିଲା । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ପରେ ଚତୁର୍ଥ ପର୍ଯ୍ୟାୟରେ ୧୫୦୦ରୁ ଉଦ୍ଧ୍ୱର୍ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ ହେବ । ଫଳସ୍ୱରୂପ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ବିଜ୍ଞାନାଗାର, ଉନ୍ନତ କ୍ରୀଡ଼ା ଭିତିଭୂମି, ଶିଶୁ ସୁଲଭ ସ୍କୁଲ କ୍ୟାମ୍ପସ୍ ସହ ଶୁଦ୍ଧ ପାନୀୟ ଜଳ ଓ ପୃଥକ୍ ଶୌଚାଳୟର ସୁବିଧା ପାଇପାରିବେ । ଏହାବ୍ୟତୀତ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍କୁଲ କ୍ଲବ୍ ପ୍ରଚଳନର ସମସ୍ତ ଦିଗ ଉପରେ ଆଲୋଚନା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ମୋ ସ୍କୁଲ ଅଭିଯାନ ଏହାର ହିତାଧିକାରୀ ଓ ବିଭିନ୍ନ ଅନୁଷ୍ଠାନ ସହିତ ନିର୍ଦ୍ଧାରିତ ୪ଟି କ୍ଲବ୍ ତଥା କୌଶଳୀ, କ୍ରିଡାଙ୍ଗନା, ଜିଜ୍ଞାସା ଓ ସାହିତ୍ୟ ସୃଜନୀ କ୍ଲବ୍ ପାଇଁ ଆବଶ୍ୟକୀୟ ଶିକ୍ଷଣ ସାମଗ୍ରୀ ଏବଂ ଏହାର ଫ୍ରେମ୍ ୱାର୍କ ପ୍ରସ୍ତୁତ କରିବାକୁ ନିଷ୍ପତି ନିଆଯାଇଥିଲା । ବୈଠକରେ ଓଡ଼ିଶାର ୩୦ଟି ଜିଲ୍ଲାର ମୋଟ ୫୨୯ କୋଟି ୫୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଗତ ଏକ ମାସ ମଧ୍ୟରେ ୭,୩୫୮ ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ' ସହ ଯୋଡ଼ିହୋଇଛନ୍ତି । ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୬ କୋଟି ୬୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବିଭିନ୍ନ ସିଏସ୍‌ଆର ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୧୬୫ କୋଟି ୫ ଲକ୍ଷ ଟଙ୍କାର ଅନୁଦାନ ଆସିଛି। ପୁରାତନ ଛାତ୍ରଛାତ୍ରୀ ଏବଂ ସିଏସ୍‌ଆର ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୫୨୯ କୋଟି ୫୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି ।




# ମାଟି ଖୋଳୁ ଖୋଳୁ ମିଳିଲା ହୀରା

ସମୟ ବଡ ବଳବାନ। ସମୟ ଚକ୍ରରେ ସବୁ କଛି ବଦଳିଚାଲେ। ଆଜି ଯିଏ ଅମିର ଅଛି, କେତେବେଳେ ସେ ଫକି ପାଲଟିଯିବ ଏବଂ ଆଜିର ଗରିବ ଲୋକ କେତେବେଳେ ଧନୀ ହୋଇଯିବ ସେକଥା କହିବା ମୁସ୍‌କିଲ୍। କେତେବେଳେ କାହାର ଭାଗ୍ୟ ବଦଳିଯିବ ସେକଥା କେହି କହିପାରିବେ ନାହିଁ। ସେମିତି କିଛି ଘଟିଛି ଜଣେ କୃଷକଙ୍କ ଜୀବନରେ। ମଟି ଖୋଳୁ ଖୋଳୁ ମହାଦେବ ମିଳିବା କଥା ଶୁଣିଥିବେ। ତାଙ୍କୁ ମାଟି ଖୋଳୁ ଖୋଳୁ ମିଳିଛି ହୀରା। ମଧ୍ୟପ୍ରଦେଶର ପ୍ରତାପ ସିଂହ ଯାଦବଙ୍କ ସହ ଏମିତି କିଛି ଆଶ୍ଚର୍ଯ୍ୟକର ଘଟଣା ଘଟିଛି। ବିଲରେ କାମ କରିବା ସମୟରେ ତାଙ୍କୁ ୧୧.୮୮ କ୍ୟାରେଟ୍‌ର ହୀରା ମିଳିଛି। ହୀରାକୁ ପାଇ ତାଙ୍କ ପରିବାର ଲୋକେ ବେଶ୍ ଖୁସି। ପ୍ରତିଦିନ ପରି ସେଦିନ ମଧ୍ୟ ବିଲରେ କାମ କରୁଥିଲେ ପ୍ରତାପ। ମାଟି ହାଣିବା ଗଛ ଲଗାଇବା କାମ ଚାଲିଛି। ଏହାରି ଭିତରେ ପ୍ରତାପ କେବେ ଚିନ୍ତା ମଧ୍ୟ କରିନଥିଲେ ଯେ କିଛି ସମୟ ଭିତରେ କେତେ କଣ ଘଟିଯିବ। ବିଲରେ ମାଟି ହାଣିବା ସମୟରେ ସେ ଏକ ଚକ୍ ଚକ୍ କରୁଥିବା ଜିନିଷ ଦେଖିବାକୁ ପାଇଲେ। ମାଟିରୁ କାଢ଼ି ଦେଖେ ତ ଏହା ଏକ ହୀରା ଖଣ୍ଡ। ଏହାପରେ ପ୍ରତାପ ସେହି ହୀରାକୁ ନେଇ ଘରକୁ ଚାଲିଗଲେ। ପରିବାର ଲୋକ ହୀରାକୁ ଦେଖି ଏକଦମ୍ ଆଶ୍ଚର୍ଯ୍ୟ ହୋଇଗଲେ। ପରେ ପ୍ରତାପ ହୀରା ଖଣ୍ଡକୁ ନେଇ ହୀରା ତିଆରି ହେଉଥିବା ସ୍ଥାନରେ ଦେଲେ। ହିରାକୁ ନିଲାମ କରିବାର ନିଷ୍ପତ୍ତି ନିଆଗଲା। ହୀରାର ମୂଲ୍ୟ ୫୦ ଲକ୍ଷରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ହୀରା ନିଲାମ ପରେ ସରକାରୀ ରାଜସ୍ୱ ଏବଂ ଟିକସ କାଟିବା ପରେ ଯାହା ମୂଲ୍ୟ ରହିବ ସେ ଟଙ୍କା ପ୍ରତାପଙ୍କୁ ଦିଆଯିବ। ଏହି ଟଙ୍କାରେ ପ୍ରତାପ ତାଙ୍କ ପିଲାମାନଙ୍କର ପଢା ଖର୍ଚ୍ଚ ଉଠାଇବେ ବୋଲି ନିଷ୍ପତ୍ତି ନେଇଛନ୍ତି। ତେବେ ବିଲରେ ହୀରା କେମିତି ପଡିଲା ତାର କାରଣ ଜଣାପଡିନାହିଁ। ସତରେ ଭାଗ୍ୟ କେମିତି ରାତା ରାତି ବଦଳିଯାଏ ଏହା ତାର ସବୁଠୁ ବଡ ଉଦାହରଣ।

# ପ୍ରେମ ମାନେନା ବୟସ

ସ୍ୱାମୀ ସ୍ତ୍ରୀର ସମ୍ପର୍କ ନିଆରା। ଜଣେ ଅନ୍ୟ ଜଣଙ୍କ ବିନା ଅଧୁରା। ଜଣଙ୍କ ଅନୁପସ୍ଥିତିକୁ ଅନ୍ୟ ଜଣେ ବେସ୍ ଭଲ ଭାବେ ହୃଦୟଙ୍ଗମ କରିପାରେ। ପରସ୍ପର ସହ ସବୁବେଳେ ଏକାଠି ରହିବାକୁ ଚାହାନ୍ତି ଦୁହେଁ। କିଛି ଦିନ ଦୂରେଇ ଗଲେ ଜୀବନ କଷ୍ଟକର ହୋଇପଡେ। ସେମିତି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଯେଉଁଥିରେ ୬ମାସ ପରେ ହସ୍ପିଟାଲ୍‌ରୁ ସ୍ତ୍ରୀ ଫେରୁଥିବା ଜାଣି ଘର ବାହାରେ ସେମିତି ଅପେକ୍ଷା କରି ରହିଛନ୍ତି ସ୍ୱାମୀ। ବୃଦ୍ଧ ଜଣଙ୍କ କେବଳ ଅପେକ୍ଷା କରି ନାହାନ୍ତି ଖୁସିରେ ହାତ ହଲେଇ ନାଚୁଛନ୍ତି। ବସିବାର କିଛି ସମୟ ପରେ ଆମ୍ବୁଲାନ୍ସରେ ଆସି ପହଞ୍ଚୁଛି ସ୍ତ୍ରୀ । ସେ ସ୍ତ୍ରୀ ମୁଣ୍ଡକୁ ଆଉଁସି କଥାବାର୍ତ୍ତା ହେଉଛନ୍ତି। ଭିଡିଓରେ ଦୁହିଁଙ୍କ ମଧ୍ୟରେ ଥିବା ଭଲ ପାଇବା ସ୍ପଷ୍ଟ ବାରି ହୋଇପଡୁଛି। ଦୁହେଁ ପରସ୍ପରକୁ କେତେ ଭଲ ପାଆନ୍ତି ତାହା ଏହି ଭିଡିଓରୁ ଜଣାପଡୁଛି। ସୋସିଆଲ୍ ମିଡିଆରେ ଏହି ଭିଡିଓ ବେଶ୍ ଭାଇରାଲ୍ ହେଉଛି। ଭିଡିଓକୁ ଲକ୍ଷ ଲକ୍ଷ ଲୋକ ଦେଖିସାରିଲେଣି। କିଛି ଲୋକ ସ୍ୱାମୀ ସ୍ତ୍ରୀର ସମ୍ପର୍କ ସେତିକି ପବିତ୍ର ଏବଂ ସୁନ୍ଦର ବୋଲି କହିଥିବା ବେଳେ କିଛି ଲୋକ ଯେତେ ବୟସ ବଢିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ଏତେ ଭଲପାଇବା ଦେଖି ଖୁସି ଲାଗୁଥିବା କହିଛନ୍ତି।

# ମଧୁମେହ ରୋଗକୁ ନିୟନ୍ତ୍ରଣରେ ରଖୁଥିବା ଖାଦ୍ୟ



ମଧୁମେହ ରୋଗ ସାଧାରଣତଃ ପ୍ରାୟ ସମସ୍ତଙ୍କୁ ହେଉଛି । ଏହି ରୋଗ ମଣିଷ ସହିତ ତାଙ୍କ ଜୀବନସାରା ରହିଥାଏ ।ଏହି ଅବସ୍ଥାରେ, ଆମ ଶରୀର ଯଥେଷ୍ଟ ଇନସୁଲିନ୍ ଉତ୍ପାଦନ ହୋଇପାରେ ନାହିଁ । କିମ୍ବା ଉତ୍ପାଦିତ ଇନସୁଲିନ୍ ଉପରେ ପ୍ରତିକ୍ରିୟା କରିବାକୁ ଅସମର୍ଥ ହୋଇଥାଏ। ଏହି ପରିପ୍ରେକ୍ଷୀରେ, ନୂଆଦିଲ୍ଲୀର ମଧୁମେହ ଶିକ୍ଷାବିତ୍ କହିଛନ୍ତି ଯେ ମଧୁମେହ ରୋଗୀମାନେ ନିୟମିତ ବ୍ୟବଧାନରେ ଖାଇବା ଉଚିତ୍ । ଯେପରି ରକ୍ତରେ ସୁଗାର ହଠାତ୍ ହ୍ରାସ ନହୁଏ। ଏହା ବ୍ୟତୀତ ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଏକ ଖାଦ୍ୟ ଖାଇବା ଉଚିତ୍ । ବିଶେଷ ଧ୍ୟାନ ଦିଅନ୍ତୁ ଯେ ଜଳଖିଆ ଏବଂ ମଧ୍ୟାହ୍ନ ଭୋଜନ ମଧ୍ୟରେ ଥିବା ସମୟ, ଯାହାକୁ ପ୍ରି-ମଧ୍ୟାହ୍ନ ଭୋଜନ କୁହାଯାଏ, ସେହି ସମୟରେ କିଛି ହାଲୁକା ଖାଇବାକୁ ଚେଷ୍ଟା କରନ୍ତୁ। ମନେ ରଖିବା ଉଚିତ ଯେ ତୁମର ଡାଏଟରେ ପ୍ରତିଦିନ କେତେ କ୍ୟାଲୋରୀ ନେବାକୁ ପଡିବ । କାରଣ, ମଧୁମେହ ରୋଗୀଙ୍କ ପାଇଁ ଅଧିକ କ୍ୟାଲୋରୀରେ ସୁଗାର ଏବଂ ଓଜନ ବୃଦ୍ଧି କରିଥାଏ । ମୌସୁମି ଫଳ- ଯେକୌଣସି ସ୍ଥାନୀୟ କିମ୍ବା ଲୋକଲା ଫଳ ଖାଇବା ଉଚିତ୍ । କାରଣ ଏହି ଋତୁକାଳୀନ ଫଳ ଯାହା ଫାଇବର ଏବଂ ଗ୍ଲାଇସେମିକ୍ ଇଣ୍ଡେକ୍ସରେ ରକ୍ତରେ ସୁଗାର ଲେବଲ୍‌କୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ପାଳଙ୍ଗ ଏବଂ ବନ୍ଧା କୋବି ରସ: ପ୍ରାୟତଃ ପନିପରିବା କିମ୍ବା ଫଳ ଖାଇବା ଅପେକ୍ଷା ଜୁସ କରି ପିଇବାକୁ ପରାମର୍ଶ ଦିଆଯାଏ । କାରଣ ଏଭଳି ଖାଇବା ଦ୍ୱାରା ଫାଇବର ପରିମାଣ କମ୍ ଥାଏ । ଯଦି ଆପଣ ଚାହାଁନ୍ତି, ଆପଣ କୋବି ପତ୍ରକୁ ସତେଜ ପାଳଙ୍ଗ ପତ୍ର ସହିତ ମିଶାଇ ଟିକେ ପାଣି ମିଶାଇ ଏହାକୁ ମିଶାଇ ଏହାକୁ ପିଇ ପାରିବେ । ବିଭିନ୍ନ ମଞ୍ଜିର ମିଶ୍ରଣ: ଆପଣ ବାଦାମ, କଖାରୁ ମଞ୍ଜି, କାଜୁ, ତେଲ ମଞ୍ଜି, ମିଶାଇ ଏକ ଘରେ ତିଆରି ନଟ୍-ଟ୍ରେଲ୍ ପ୍ରସ୍ତୁତ କରିପାରିବେ । ଆପଣ ଏହାକୁ ଖାଇପାରିବେ। ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ? ଲାଭକାରୀ । ମନେରଖନ୍ତୁ ଯେ ଏହାକୁ ସୀମିତ ପରିମାଣରେ ଖାଇବା ଉଚିତ୍ । ଟମାଟୋ ଏବଂ ଧନିଆ ସାଲାଡ୍: ଏହି କମ୍ କ୍ୟାଲୋରୀ ସାଲାଡ୍ ଖାଇବା ଦ୍ୱାରା ଆପଣଙ୍କ ସତେଜତା ଅନୁଭବ କରିବେ । ଏହାକୁ ପ୍ରତିଦିନ ଡାଏଟ୍‌ରେ ମଧ୍ୟ ସାମିଲ୍ କରନ୍ତୁ । କଟା ଟମାଟୋ, କଟା ଧନିଆ, ଲେମ୍ବୁ ରସ ସବୁକିଛି ମିଶାଇ ଆପଣ ଏହି ଟମାଟୋ ସାଲାଡ ପ୍ରସ୍ତୁତ କରିପାରିବେ ।

# ଦେବାଳିଆ ହେବାରୁ ବର୍ତ୍ତିଲା ଫ୍ୟୁଚର ଗ୍ରୁପ୍

ଋଣ ଚାପରେ ରହିଥିବା ଫ୍ୟୁଚର ଗ୍ରୁପର କମ୍ପାନି ଫ୍ୟୁଚର ଏଣ୍ଟରପ୍ରାଇଜ ଲିମିଟେଡ(ଏଫଇଏଲ୍) ଋଣ ସୁଝିବା ଲାଗି ଏକ ନୂଆ ଯୋଜନା ହାତକୁ ନେବ ବୋଲି ଜଣାପଡିଛି । କମ୍ପାନି ବୀମା କାରବାର ଏହାର ଅଂଶଧନ ବିକ୍ରି କରି ପ୍ରାୟ ୩ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରଖିଛି । ଏଭଳି ଯୋଜନା ଯଦି ଫଳପ୍ରଦ ହୁଏ ତେବେ କମ୍ପାନି ଦେବାଳିଆ ପ୍ରକ୍ରିୟା ବା ବ୍ୟାଙ୍କରପ୍ସିକୁ ଯିବାରୁ ବଞ୍ଚିଯିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରି କହିଛନ୍ତି । ଗୁରୁବାର ଫ୍ୟୁଚର ଏଣ୍ଟରପ୍ରାଇଜ ଲିମିଟେଡ ଯୌଥ ଉଦ୍ୟୋଗ ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଲିମିଟେଡରେ ଜେନେରାଲିକୁ ୨୫% ଅଂଶଧନ ବିକ୍ରି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିଛି । ଏହି ଡିଲ୍ ୧୨୬୬.୦୬ କୋଟି ଟଙ୍କାରେ ହୋଇଛି । ଏହା ପରେ ଏହି ବୀମା କମ୍ପାନିରେ ଫ୍ୟୁଚର ଗ୍ରୁପର ୨୪.୯୧% ଅଂଶଧନ ରହିବ । ଆଗାମି ୩୦ରୁ ୪୦ ଦିନ ମଧ୍ୟରେ କମ୍ପାନି ବଳକା ୨୫% ଅଂଶଧନ ମଧ୍ୟ ବିକ୍ରି କରିବାକୁ ଯୋଜନା ରଖିଛି । ଏହାବାଦ କମ୍ପାନି ଯୌଥ ଉଦ୍ୟୋଗ ଫ୍ୟୁଚର ଜେନେରାଲି ଲାଇଫ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡରେ ରହିଥିବା ୩୩.୩% ଅଂଶଧନ ବିକ୍ରି କରିବ । ଏହା ଦ୍ୱାରା ପ୍ରାୟ ୪୦୦ କୋଟି ଟଙ୍କା କମ୍ପାନି ଜୁଟାଇବ । ଏହା ହେଲେ କିଶୋର ବିୟାନି ସମ୍ପୂର୍ଣ୍ଣ ଭାବେ ବୀମା କାରବାରରୁ ବାହାରିଯିବେ । ଏଭଳି ଡିଲ୍ ଗୁଡିକ ଦ୍ୱାରା କମ୍ପାନି ୨୯୫୦ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରଖିଛି । ଉଲ୍ଲେଖଯୋଗ୍ୟ, ଫ୍ୟୁଚର ଏଣ୍ଟରପ୍ରାଇଜ ଲିମିଟେଡ କନସୋର୍ଟିୟମ ବ୍ୟାଙ୍କଗୁଡିକୁ ୨,୯୧୧.୫୧ କୋଟି ଟଙ୍କା ପଇଠ କରିବାକୁ ସକ୍ଷମ ହୋଇ ନ ଥିବାରୁ ଏହାର ସମସ୍ୟା ବଢ଼ିଛି ।




# ଆଜିର ରାଶିଫଳ

**ମେଷ** – କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଅମନଯୋଗୀ ହେବେ। ବ୍ୟବସାୟରେ ଆୟ ଭଲ ରହିବ। ପରିବାରରେ ଅଶାନ୍ତି ଲାଗି ରହିବ। ପଡ଼ୋଶୀମାନେ କଳହ କରିବସିବେ।

**ବୃଷ** – ଆଚରଣ କରିବେ। ଶାରୀରିକ କଷ୍ଟ ପାଇବେ। ପିତୃ ସମ୍ପତ୍ତି ପାଇଁ ଭ୍ରାତୃବିବାଦ ହେବ। ମହିଳା ଓ ବିଦ୍ୟାର୍ଥୀମାନେ ଶିବ ଉପାସନା କରନ୍ତୁ, ସଫଳ ହେବେ।

**ମିଥୁନ** – ବ୍ୟବସାୟରେ ଉନ୍ନତି ଆସିବ। ଆର୍ଥିକ ଅବସ୍ଥା ସଚ୍ଛଳ ରହିପାରେ। ପାରିବାରିକ ଶାନ୍ତି ମିଳିବ। ମାଲିମୋକଦ୍ଦମାରେ ବିଜୟୀ ହେବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ।

**କର୍କଟ** – ।ଆପଣଙ୍କର ବହୁ ପୁରୁଣା ବିବାଦର ସମାଧାନ ହେବ। କୌଣସି ଖୁସି ଖବର ପାଇ ଆନନ୍ଦିତ ରହିବେ। ଶରୀର ସୁସ୍ଥ ରହିବ। ବ୍ୟବସାୟରେ ଲାଭବାନ୍ ହେବେ। ଦୂରଯାତ୍ରା ଯୋଗ ରହିଛି।

**ସିଂହ** – ବୃଥାକାର୍ଯ୍ୟରେ ମନୋନିବେଶ କରି ହଇରାଣରେ ପଡ଼ିବେ। ସନ୍ତାନସନ୍ତତିଙ୍କ ଚିନ୍ତା ଘାରି ଗୃହରେ ଆକସ୍ମିକ କଳହ ଲାଗିପାରେ। ହଠାତ୍ ଗୁରୁତପୂର୍ଣ୍ଣ ନିଷ୍ପତ୍ତି ନେବା ଉଚିତ୍ ନୁହେଁ।

**କନ୍ୟା** – ସାମାନ୍ୟ ଶାରୀରିକ କ୍ଳେଶ ଭୋଗିବେ। ପରିବାରରେ ଅଶାନ୍ତି ଲାଗିରହିବ। ଆୟଠାରୁ ବ୍ୟୟ ଅଧିକ ହେବ। କର୍ମକ୍ଷେତ୍ରରେ ସମ୍ମାନିତ ହେବେ। ମହିଳାମାନଙ୍କ ପାଇଁ ସରକାର ଚାକରୀ ସୁଯୋଗ।

**ତୁଳା** – ବ୍ୟବସାୟରେ ଗଣ୍ଡଗୋଳ ଲାଗିରହିପାରେ। ଶତ୍ରୁମାନେ ଆପଣଙ୍କୁ ହଇରାଣ କରିପାରନ୍ତି, ସେଥିପାଇଁ ସତର୍କତା ଅବଲମ୍ବନ କରନ୍ତୁ। ଚାପରେ ରହିବେ।

**ବିଛା** – ଆଜି ଦୂରଯାତ୍ରା ହେବା ସମ୍ଭାବନା ରହିଛି। ବ୍ୟବସାୟରେ ଅଳ୍ପ ଲାଭ ହେବ। ଭୂସମ୍ପତ୍ତି ପାଇ ଖୁସି ହେବେ। ପରିବାରରେ ଶାନ୍ତି ଦେଖାଦେବ। ମହିଳା ଓ ବିଦ୍ୟାର୍ଥୀମାନେ ଗବେଷଣା କରିବେ।

**ଧନୁ** – ବ୍ୟବସାୟରେ ଆପଣ ଉନ୍ନତି କରିବେ। ପୁରାତନ ବିବାଦର ସମାଧାନ ହେବ। ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳତାର ସହ ସମ୍ପାଦନ ହୋଇପାରେ । ଶାରୀରିକ ପୀଡ଼ା ପାଇବେ।


**ମକର** – ଶରୀର ପ୍ରତି ଯତ୍ନବାନ୍ ହେବେ। ପୈତୃକ ସମ୍ପତ୍ତିପାଇଁ ଭ୍ରାତୃବିବାଦ ଲାଗିରହିବ। ବ୍ୟବସାୟରେ ଆୟ ଅପେକ୍ଷା ବ୍ୟୟ ଅଧିକ ହେବ। ଶାରୀରିକ ପୀଡ଼ା ଅନୁଭବ ହେବ।

**କୁମ୍ଭ** – ଆର୍ଥିକ ଚିନ୍ତା ଲାଗିରହିବ। ଚାକିରିରେ କାର୍ଯ୍ୟଲାଭ ରହିବ। ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ରହିବ। ବ୍ୟବସାୟ ଓ ବାଣିଜ୍ୟରେ ଶିଥିଳତା ରହିବ। ମହିଳାମାନେ ଗୃହକାର୍ଯ୍ୟରେ ମନ ଦେବେ।

**ମୀନ** – ସାଂସାରିକ ସମ୍ପର୍କରେ ଉତ୍ତମ ବୁଝାମଣା ରହିବ। ରାଜନୀତିରେ ପ୍ରସିଦ୍ଧି ପାଇବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ଲାଭ ପାଇବେ। ର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ମିଳିବ।

# ମୁହଁରେ ଚମକ ଆଣିବ ଅଣ୍ଡା

ସୁନ୍ଦର ଚେହେରା ସମସ୍ତେ ଚାହାଁନ୍ତି । କିନ୍ତୁ ବରିବର୍ତ୍ତିତ ଜୀବନଶୈଳୀ ଏବଂ ପ୍ରଦୂଷଣ ଯୋଗୁଁ ଅନେକ ପ୍ରକାରର ସମସ୍ୟା ଦେଖିବାକୁ ମିଳିଥାଏ । ଅନେକ ଲୋକଙ୍କ ମୁହଁରେ ଦାଗ ମଧ୍ୟ ହୋଇଯାଇଥାଏ । ଏମିତିରେ ସେମାନଙ୍କ ମୁହଁକୁ ପୁଣି ଦାଗହୀନ କରିବା ପାଇଁ ଅନେକ ପ୍ରକାରର ଉପାୟ ଅବଲମ୍ବନ କରନ୍ତି । କେବଳ ଏତିକି ନୁହେଁ ମୁହଁରେ ଚମକ ଆଣିବା ପାଇଁ ଅନେକ ଲୋକ ଅନେକ ପ୍ରକାରର ଚେଷ୍ଟା କରନ୍ତି ।ତେବେ ଆପଣ ଜାଣନ୍ତି କି ଅଣ୍ଡା ଦ୍ୱାରା ମଧ୍ୟ ଆପଣଙ୍କ ମୁହଁରେ ଚମକା ଆସିପାରେ । ଆପଣ ଭାବୁଥିବେ ଯେ ଅଣ୍ଡା ଦ୍ୱାରା କିପରି ମୁହଁରେ ଚମକ ଆଣିପାରିବ । ତେବେ ଆସନ୍ତୁ ଜାଣିବା କିପରି ମୁହଁରେ ଅଣ୍ଡା ବ୍ୟବହାର କରିବେ । ପ୍ରଥମେ ଅଣ୍ଡାକୁ ଏକ ପାତ୍ରରେ ଭାଙ୍ଗଦିଅନ୍ତୁ । ଏହାପରେ ଏହାକୁ ଏକ ଚାମଚରେ ଭଲ ଭାବରେ ମିଶାଇ ଦିଅନ୍ତୁ । କିଛି ସମୟ ପାତ୍ରରେ ରଖିବା ପରେ ଏହାକୁ ଆପଣ ମୁହଁରେ ଲଗାନ୍ତୁ । କିଛି ସମୟ ମୁହଁରେ ରଖିବା ପରେ ଏହାକୁ ପାଣିରେ ଧୋଇ ଦିଅନ୍ତୁ । ଏହା କରିବା ପରେ ଆପଣ ନିଜେ ଅନୁଭବ କରିବେ ଯେ ଆପଣଙ୍କ ମୁଁହ ଉଜ୍ୱଳ ଦେଖାଯାଉଛି । ଏହାକୁ ମୁହଁରେ ଲଗାଇବା ପରେ ଗନ୍ଧ ନିଶ୍ଚିତ ଆସିପାରେ । ଏଥିରୁ ରକ୍ଷା ପାଇବା ପାଇଁ ଆପଣ ଅଣ୍ଡାର ହଳଦିଆ ଅଂଶକୁ ବାହାର କରିପାରିବେ । ଆପଣ ଅଣ୍ଡାକୁ ମୁହଁରେ ଲଗାଇବା ମାତ୍ରେ ଆପଣଙ୍କ ମୁଁହ ଟାଇଟ୍ ହୋଇଯିବ । ମୁହଁରେ ଗ୍ଲୋ ଆସିବା ସହ ଦାଗ, ବ୍ଲାକ୍ ହେଡ୍ସ ମଧ୍ୟ ଦୂର ହୋଇଯିବ । କୁଣ୍ଡେଇ ହେଉଥିଲେ ତାକୁ ଦୂର କରିବାକୁ ଅଣ୍ଡା ଫେସ୍ ପ୍ୟାକ୍ ଅତ୍ୟନ୍ତ ଲାଭଦାୟକ ।



# ଆମ୍ବ ଖାଇବା ପୂର୍ବରୁ କରନ୍ତୁ ଏହି କାମ

କିଛି ଲୋକ ଗରମ ଦିନକୁ ପସନ୍ଦ କରୁନଥିବା ବେଳେ ଆଉ କିଛି ଲୋକ ଏହି ଦିନକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥାନ୍ତି । କାରଣ ଏହି ଦିନେ ଆମ୍ବ ଭଳି ସୁସ୍ୱାଦୁ ଫଳ ଖାଇବାକୁ ମିଳିଥାଏ । କିନ୍ତୁ ଏହାକୁ ଖାଇବା ପୂର୍ବରୁ କିଛି ସାବଧାନତା ଅବଲମ୍ବନ କରିବା ଜରୁରୀ ଅଟେ । ନଚେତ ଲାଭ ବଦଳରେ କ୍ଷତି ହୋଇଥାଏ । ଆମ୍ବକୁ ଅନେକ ପ୍ରକାରରେ ବ୍ୟବହାର କରାଯାଇଥାଏ । କେତେକ ଲୋକ ଏହାକୁ କାଟି ତ ଆଉ କେତେକ ଲୋକ ଏହାକୁ ଶୋଷି ଶୋଷି ଖାଇବାକୁ ପସନ୍ଦ କରିଥାନ୍ତି । ଏହା ବ୍ୟତୀତ ମ୍ୟାଙ୍ଗୋ ସେକ୍, ଆମ୍ବ ପାମ୍ପଡ ବା ମ୍ୟାଙ୍ଗୋ କ୍ୟାଣ୍ଡି ମଧ୍ୟ ଅଧିକ ପସନ୍ଦ କରାଯାଇଥାଏ । ଯଦି ଆପଣ ଆମ୍ବକୁ ସିଧାସଳଖ ଖାଉଛନ୍ତି ତେବେ ନିଶ୍ଚୟ ସାବଧାନ ରୁହନ୍ତୁ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଆମ୍ବ ଖାଇବା ପୂର୍ବରୁ ଆମ୍ବକୁ କିଛି ସମୟ ପାଣିରେ ଭିଜାଇବା ଉଚିତ । କାରଣ ଏମିତି କରିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ତେବେ ଆସନ୍ତୁ ଜାଣିବା ଆମ୍ବକୁ ଭିଜାଇବା ଦ୍ୱାରା ଆମ ପାଇଁ ଲାଭଦାୟକ କିପରି ହୋଇଥାଏ । ଆମେ ସମସ୍ତେ ଜାଣିଛୁ ଯେ ଆମ୍ବ ଖାଇବା ଦ୍ୱାରା ତ୍ୱଚାରେ ବ୍ରଣ ବାହାରିଥାଏ । ଯଦି ଆମ୍ବକୁ ଭିଜାଇ ଖାଇବା ତେବେ ଏଭଳି ସମସ୍ୟା ଦେଖାଯିବନାହିଁ । ଆମ୍ବ ଖାଇବା ଦ୍ୱାରା ଶରୀରରେ ତାପମାତ୍ରା ବୃଦ୍ଧି ପାଇଥାଏ । ଯାହାଦ୍ୱାରା ଥର୍ମୋଜେନେସିସ୍ ପ ଉତ୍ପାଦନ ବୃଦ୍ଧି ପାଇବାକୁ ଲାଗିଥାଏ । ଯଦି ଆପଣ ଆମ୍ବକୁ ଭିଜାଇ ଖାଇବେ ତେବେ ଆପଣଙ୍କୁ ଏଭଳି ସମସ୍ୟାକୁ ନେଇ ଅଧିକ ଚିନ୍ତିତ ହେବାକୁ ପଡିବ ନାହିଁ । ଯେତେବେଳେ ଆମ୍ବ ବଢ଼ିଥାଏ ସେତେବେଳେ ଏହାକୁ କୀଟ ଦାଉରୁ ରକ୍ଷା କରିବା ପାଇଁ କୀଟନାଶକ ବ୍ୟବହୃତ ହୋଇଥାଏ । କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇଥାଏ । କାରଣ ଏହା ଦ୍ୱାରା ଆଖି ଏବଂ ଚର୍ମରେ ଉତ୍ତେଜନା ସୃଷ୍ଟି ହୋଇଥାଏ । ଏହାସହ ମୁଣ୍ଡବିନ୍ଧା ଏବଂ ବାନ୍ତି ହେବାର ସମସ୍ୟା ମଧ୍ୟ ଦେଖାଦେଇପାରେ । ଆମ୍ବକୁ ଭିଜାଇବା ଦ୍ୱାରା ବିପଜ୍ଜନକ ରାସାୟନିକ ପଦାର୍ଥ ବାହରି ଯଇଥାଏ ଏବଂ ଫଳ ଖାଇବା ଯୋଗ୍ୟ ହୋଇଥାଏ । ଆମ୍ବରେ ଫାଇଟୋକେମିକାଲ୍ ଥାଏ । ଯଦି ଆମେ ଏହାକୁ ଅଧ ଘଣ୍ଟା ଯାଏଁ ଭିଜାଇ ରଖିବା ତେବେ ଏହା ଓଜନ ହ୍ରାସ କରିବାରେ ସହାୟକ ହୋଇପାରିବ । କାରଣ ଆମ୍ବକୁ ପ୍ରାକୃତିକ ଚର୍ବି ବଷ୍ଟର ଭାବେ ବିବେଚନା କରାଯାଏ ।





# ଛେନା ଝିଲି



ଆବଶ୍ୟକ ସାମଗ୍ରୀ: ସୁଜି, ମଇଦା, ଚିନି, ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା, ଛେନା, ତେଲପ୍ରସ୍ତତି ପ୍ରଣାଳୀ: ପ୍ରଥମେ ଛେନା ଝିଲି ତିଆରି କରିବା ପୂର୍ବରୁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ। ତାପରେ ବଜାରରୁ ୫୦୦ ଗ୍ରାମ ଛେନା ଆଣନ୍ତୁ। ତାକୁ ଏକ ପାତ୍ରରେ ରଖି ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚକଟନ୍ତୁ। ପରେ ସେଥିରେ ତିନି ଚାମଚ ସୁଜି, ଦୁଇ ଚାମଚ ମଇଦା, ଗୋଟିଏ ଚାମଚ ଚିନି,ଅଳ୍ପ ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା ପକାଇ ଭଲ ଭାବରେ ଚକଟି ଦିଅନ୍ତୁ। ଏହାପରେ ତାକୁ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ତାପରେ ଚକଟା ଛେନାକୁ ଛେନା ଝିଲିର ସେପ ଦେଇ ଗଢ଼ନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗଢ଼ି ରଖିଥିବା ଛେନା ଝିଲିକୁ ଅଳ୍ପ ଆଞ୍ଚରେ ଛାଣନ୍ତୁ। ଛେନା ଝିଲିର ରଙ୍ଗ ବାଦାମୀ ହେଲା ପର୍ଯ୍ୟନ୍ତ ଛାଣନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଛାଣି ଶିରାରେ କିଛି ସମୟ ପର୍ଯ୍ୟନ୍ତ ପକାଇ ରଖନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ଝିଲି। ଯଦି ଅଧିକ ଛେନାରେ ଛେନା ଝିଲି ତିଆରି କରିବା ପାଇଁ ଚାହୁଁଛନ୍ତି, ତାହାହେଲେ ସେହି ଅନୁପାତରେ ସୁଜି, ମଇଦା ଓ ଚିନି ନେଇ ତିଆରି କରିବେ।

## ଫିଲ୍ମ ଟକ୍

# ୨୦୪ କୋଟି ଟଙ୍କାର ହୀରା ହାର ପିନ୍ଧିଲେ ପ୍ରିୟଙ୍କା



ମେଟ୍ ଗାଲା ୨୦୨୩ ରେ ନିଜର ନିଆରା ଅନ୍ଦାଜରେ ସମସ୍ତଙ୍କ ହୃଦୟ ଜିତିଛନ୍ତି ଦେଶୀଗର୍ଲ ପ୍ରିୟଙ୍କା ଚୋପ୍ରା। ବ୍ଲାକ୍ ଆଣ୍ଡ ହ୍ୱାଇଟ୍ କଲର୍ ଆଉଟଫିଟ୍ ସହ ପ୍ରିୟଙ୍କା ତାଙ୍କ ବେକରେ ଏକ ୟୁନିକ୍ ଡାଏମଣ୍ଡ୍ ନେକଲେସ୍ ପିନ୍ଧିଥିବାର ନଜର ଆସିଥିଲେ। ପ୍ରିୟଙ୍କା ଚୋପ୍ରାଙ୍କ ବେକରେ ଏହି ହାରଟି ଖୁବ୍ ସୁନ୍ଦର ଥିଲା, ଯାହା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ବର୍ତ୍ତମାନ ଏହାକୁ ନେଇ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ଏକ ରିପୋର୍ଟ ଅନୁଯାୟୀ, ପ୍ରିୟଙ୍କା ଚୋପ୍ରା ତାଙ୍କ ବେକରେ ୧୧.୬ କ୍ୟାରେଟ୍ ହୀରା ପିନ୍ଧିଥିଲେ ଏବଂ ଏହି ନେକଲେସ୍‌ଟି ବୁଲଗରୀ ଦ୍ୱାରା ଡିଜାଇନ୍ କରାଯାଇଥିଲା। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଟ୍ୱିଟ୍ ଅନୁଯାୟୀ, ଏହି ହାରର ମୂଲ୍ୟ ୨୫ ମିଲିୟନ୍ ଆମେରିକୀୟ ଡଲାର୍ ଭାରତୀୟ ମୁଦ୍ରାରେ ୨,୦୪,୩୮,୫୭,୫୦୦ ଟଙ୍କା। ଏହି ମୂଲ୍ୟ ଆପଣଙ୍କୁ ଚକିତ କରିପାରେ, କିନ୍ତୁ ଦାବି ଅନୁଯାୟୀ, ୨ ବିଲିୟନ ମୂଲ୍ୟର ଏହି ହାରଟି ଇଭେଣ୍ଟ ପରେ ନିଲାମ ହେବ। ଟ୍ୱିଟ୍‌ରେ କୁହାଯାଇଛି ୨୦୪ କୋଟି ଟଙ୍କାର ଏହି ହୀରା ହାର ବୁଲଗେରୀରୁ ଆସିଛି ଏବଂ ଗାଲା ଇଭେଣ୍ଟ ପରେ ଏହାକୁ ନିଲାମ କରାଯିବ। ତେବେ ପ୍ରିୟଙ୍କା ଚୋପ୍ରା ଚଳିତ ବର୍ଷ ମେଟ୍ ଗାଲା ଇଭେଣ୍ଟରେ ଭାଲେଣ୍ଟିନୋ ଡିଜାଇନ୍ ଆଉଟଫିଟ୍ ପିନ୍ଧି ପହଞ୍ଚିଥିଲେ। ସେ ଏହି ହାଇ ସ୍ଲିଟ୍ ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ ଆଉଟଫିଟ୍ ସହିତ ହାତରେ ଧଳା ଗ୍ଲୋଭସ୍ ପିନ୍ଧିଥିଲେ ଏବଂ କେଶକୁ ବାନ୍ଧିଥିଲେ। ସେ ଏହି ଲୁକ୍‌ରେ ଖୁବ୍ ଷ୍ଟନିଂ ଲାଗୁଥିଲେ ।

# ହିଂସାର ନିଆଁରେ ଜଳୁଛି ସମଗ୍ର ପାକିସ୍ତାନ

ଇସଲାମାବାଦ : ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସମର୍ଥକଙ୍କୁ ଲାଗିଛି ସାଂଘାତିକ ଝଟକା। ନିଜ ନେତାଙ୍କୁ ପାକିସ୍ତାନ ରେଞ୍ଜର୍ସ ବଳ ପୂର୍ବକ ଉଠାଇ ନେଇ ଗିରଫ କରିଥିବା ବେଳେ ଏହା ବିରୋଧରେ ତାଙ୍କ ସମର୍ଥକ ଇସଲାମାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଇସଲାମାବାଦ ହାଇକୋର୍ଟ ଇମ୍ରାନଙ୍କ ଅଡୁଆକୁ ଆହୁରି ବଢ଼ାଇ ଦେଇଛି। ଇମ୍ରାନଙ୍କ ଗିରଫଦାରୀ ଆଇନ ଅନୁଯାୟୀ ହୋଇଥିବା ସ୍ପଷ୍ଟ କରିଛନ୍ତି ହାଇକୋର୍ଟ। ଇମ୍ରାନଙ୍କ ଗିରଫଦାରୀ ପରେ ସମଗ୍ର ଦେଶରେ ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ନିଜ ନେତାଙ୍କ ଗିରଫଦାରୀ ପ୍ରତିବାଦରେ ହିଂସ୍ର ହୋଇ ଉଠିଛନ୍ତି ଇମ୍ରାନ ସମର୍ଥକ । କରାଚୀ, ଇସଲାମାବାଦ, ଲାହୋର ସମେତ ପାକିସ୍ତାନର ବିଭିନ୍ନ ସହରରେ ଶହ ଶହ ଲୋକ ରାସ୍ତାକୁ ଓହ୍ଲାଇ ବ୍ୟାପକ ପୋଡ଼ାଜଳା କରିଛନ୍ତି। ଦେଶର ସମସ୍ତ ସ୍କୁଲ, କଲେଜକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ୍ ? ସହ ସଂଘର୍ଷରେ ଏଯାବତ ୬ ସମର୍ଥକଙ୍କ ଜୀବନ ଯାଇ ସାରିଥିବା ବେଳେ ବହୁ ଦଳୀୟ କର୍ମୀ ଗୁରୁତର ହୋଇଥିବା ପିଟିଆଇ ପକ୍ଷରୁ କୁହାଯାଇଛି।

ସମଗ୍ର ଦେଶ ହିଂସାର ନିଆଁରେ ଜଳୁଥିବା ବେଳେ ପାକିସ୍ତାନରେ ସୋଶାଲ ମିଡିଆ ସାଇଟ୍ ? ଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଫେସବୁକ୍ ?, ଟ୍ୱିଟର, ହ୍ୱାଟ୍ସଆପ୍ ?କୁ ସମଗ୍ର ଦେଶରେ ବ୍ୟାନ୍ ? କରାଯିବା ସହ ମୋବାଇଲ ବ୍ରଡବ୍ୟାଣ୍ଡ ସେବାକୁ ବନ୍ଦ କରି ଦିଆଯାଇଛି। ଇମ୍ରାନ ଖାନଙ୍କ ଗିରଫଦାରୀ ପରେ ଗତକାଲି ଇସଲାମବାଦ ହାଇକୋର୍ଟ ମୁଖ୍ୟ ବିଚାରପତି ଏହି ମାମଲାର ଶୁଣାଣି କରିଥିଲେ। ମୁଖ୍ୟ ବିଚାରପତି ଆମୀର ଫାରୁଖ ଗତକାଲି ଏହି ମାମଲାର ଶୁଣାଣି କରି ଆଇଜି ପୁଲିସ୍‌ଙ୍କୁ ହାଜର ହେବାକୁ ସମନ କରିଥିଲେ। ଆଇଜି ପୁଲିସ୍ ହାଜର ହେବାରେ ବିଫଳ ହେଲେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହାପରେ ତୁରନ୍ତ ପୁଲିସ୍ ? ଆଇଜି ଅକବର ନାସିର ଖାନ କୋର୍ଟରେ ହାଜର ହୋଇଥିଲେ । ଇମ୍ରାନ ଖାନଙ୍କୁ କେଉଁ ମାମଲାରେ ଓ କାହିଁକି ଗିରଫ କରାଗଲା ବୋଲି କୋର୍ଟ ଆଇଜିଙ୍କୁ ପଚାରିଥିଲେ। ଏହାର ଉତ୍ତରରେ ଇମ୍ରାନ ଖାନଙ୍କୁ ଭ୍ରାଷ୍ଟାଚାର ମାମଲାରେ ଗିରଫ କରାଯାଇଥିବା ଆଇଜି କହିଥିବା ଜଣାଯାଇଛି । ହେଲେ ଇମ୍ରାନ ଖାନ କୋର୍ଟ ପରିସରରେ ଉପସ୍ଥିତ ଥିବା ବେଳେ ତାଙ୍କୁ ବଳପୂର୍ବକ ଗିରଫ କରାଯାଇଥିବା ତାଙ୍କ ଓକିଲ କହିଛନ୍ତି। ଏପରିକି ତାଙ୍କୁ ପାକିସ୍ତାନ ରେଞ୍ଜର୍ସ ଟାଣି ଟାଣି ନେବା ସହ ତାଙ୍କ ମୁଣ୍ଡକୁ ଲୁହା ରଡ଼ରେ ପିଟିଥିବା ତାଙ୍କ ଓକିଲ କହିଛନ୍ତି। ଗତକାଲି ଇମ୍ରାନ ଖାନ ଗୋଟିଏ ଦୁର୍ନୀତି ମାମଲାରେ ଇସଲାମାବାଦ ହାଇକୋର୍ଟରେ ହାଜର ହେବାକୁ ଯାଉଥିଲେ। କିନ୍ତୁ କୋର୍ଟ ପରିସରରୁ ହିଁ ପୁଲିସ୍ ତାଙ୍କୁ ଗିରଫ କରିଥିଲା। ଏହାକୁ ନେଇ ତାଙ୍କ ଦଳ ପିଟିଆଇର କର୍ମୀ ଓ ନେତାମାନେ ବିକ୍ଷୋଭ ଆରମ୍ଭ କରିଥିବା ବେଳେ ଭଙ୍ଗାରୁଜା ସହ ବ୍ୟାପକ ଜଳାପୋଡ଼ା କରିଛନ୍ତି। ଇମ୍ରାନଙ୍କ ହଜାର ହଜାର ସମର୍ଥକ ଆର୍ମି ମୁଖ୍ୟାଳୟକୁ ପଥର ମାଡ଼ କରିବା ସହ ଲାହାରୋ କ୍ୟାଣ୍ଟନମେଣ୍ଟରେ ଥିବା କ୍ରପ୍ସ କମାଣ୍ଡମାନଙ୍କ ଘର ଭିତରକୁ ପ୍ରବେଶ କରି ଲଙ୍କାକାଣ୍ଡ ଘଟାଇଛନ୍ତି। ସୁରକ୍ଷାକର୍ମୀମାନେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲୁହ ବୁହା ଗ୍ୟାସ ଠାରୁ ଆରମ୍ଭ କରି ପାଣି ମାଡ଼ କରିଥିଲେ ବି ଏହା ଅଧିକ ତୀବ୍ର ହେବାରେ ଲାଗିଛି। ଫଳରେ ସମଗ୍ର ଦେଶରେ ୧୪୪ ଧାରା ଲାଗୁ ହେବା ସତ୍ତ୍ୱେ ସ୍ଥିତି ସୁଧୁରିବା ନାଁ ଧରୁନି। ଇମ୍ରାନଙ୍କ ସମର୍ଥକ ଲାହୋର ଗଭର୍ଣ୍ଣର ହାଉସରେ ନିଆଁ ଲଗାଇ ଦେବା ସହ ଏକ ଟୋଲ ଗେଟକୁ ଜାଳି ଦେଇଛନ୍ତି । ଲାହୋରସ୍ଥିତ ସେନା ଅଧିକାରୀଙ୍କ ଘରେ ପଶି ବ୍ୟାପକ ଲଙ୍କାକାଣ୍ଡ ଘଟାଇଛନ୍ତି। ରାଓ୍ୱଲପିଣ୍ଡିର ଏକ ସେନା କାର୍ଯ୍ୟାଳୟରେ ବିକ୍ଷୋଭକାରୀ ଆକ୍ରମଣ କରିଥିବା ଜଣାଯାଇଛି । ପେଶଓ୍ୱାରେ ଥିବା ଏକ ରେଡିଓ ଷ୍ଟେଶନରେ ଆନ୍ଦୋଳନକାରୀ ନିଆଁ ଲଗାଇ ଦେଇଛନ୍ତି। ପେଶ୍ ?ଓ୍ୱାରରେ ବିକ୍ଷୋଭକୁ ଦମନ କରିବାକୁ ସେନା ଲୁହ ବୁହା ଗ୍ୟାସ ପ୍ରୟୋଗ କରିଥିବା ବେଳେ ଗୁଳି ଶବ୍ଦ ବି ଶୁଣିବାକୁ ମିଳିଥିଲା।

ଏହି ପୂରା ବିବାଦ ଅଲ-କାଦିର ଟ୍ରଷ୍ଟରେ ହୋଇଥିବା ଦୁର୍ନୀତିକୁ ନେଇ ଆରମ୍ଭ ହୋଇଛି ଇମ୍ରାନ ଖାନ, ତାଙ୍କ ପତ୍ନୀ ବୁଶରା ବିବି ଓ ଜଣେ ଘନିଷ୍ଠ ସହଯୋଗୀ ଜୁଲଫିକାର ବୁଖାରୀ ଓ ବାବର ଅବାନ ମିଳିତ ଭାବେ ଅଲ- କାଦିର ଟ୍ରଷ୍ଟ ଗଠନ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ପଞ୍ଜାବର ଝଲେମ ଜିଲ୍ଲାରେ ଗୁଣବତ୍ତା ଶିକ୍ଷା ପ୍ରଦାନ ନିମନ୍ତେ ଏକ ୟୁନିଭରସିଟି ସ୍ଥାପନ କରିବା । ଆରୋପ ଅନୁଯାୟୀ, ଏହି ୟୁନିଭରସିଟି ନିମନ୍ତେ ଦାନରେ ମିଳିଥିବା ଜମିକୁ ଇମ୍ରାନ ଓ ତାଙ୍କ ପତ୍ନୀ ହଡ଼ପ କରି ନେଇଥିଲେ। ଏପରିକି ପାକିସ୍ତାନର ସବୁଠୁ ଧନୀ ବ୍ୟକ୍ତି ରିୟାଜଙ୍କୁ ଗିରଫ କରିବାର ଧମକ ଦେଇ ତାଙ୍କର ବହୁ ମୂଲ୍ୟବାନ ଜମି ବି ହଡ଼ପ କରି ନେଇଛନ୍ତି। ଏହାକୁ ନେଇ ମାମଲା ରୁଜୁ ହୋଇଥିବା ବେଳେ ଇମ୍ରାନ ଖାନଙ୍କୁ ଗିରଫ କରାଯାଇଛି।



## ପାକିସ୍ତାନର ଅଜବ ଯୁକ୍ତି, ପୋଡ଼ାଜଳା ପାଇଁ ବିଜେପି ଓ ଆରଏସଏସ୍ ଦାୟୀ

ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଗିରଫଦାରୀ ପରେ ଅଶାନ୍ତ ହୋଇ ପଡ଼ିଛି ପାକିସ୍ତାନ। ପାକିସ୍ତାନରେ ଇମ୍ରାନଙ୍କ ଦଳ ପିଟିଆଇର କର୍ମୀମାନେ ବିକ୍ଷୋଭ କରିବା ସହ ପୋଡ଼ାଜଳା କରିଛନ୍ତି। ତେବେ ଏପରି ପୋଡ଼ାଜଳା ଓ ହିଂସାତ୍ମକ ପରିସ୍ଥିତି ପାଇଁ ପାକିସ୍ତାନ ସରକାର ଅଜବ ଯୁକ୍ତି ଉପସ୍ଥାପନ କରିଛନ୍ତି। ଦେଶରେ ଦେଖାଯାଇଥିବା ହିଂସା ପାଇଁ ପାକିସ୍ତାନ ପଡ଼ୋଶୀ ଭାରତକୁ ଦାୟୀ କରିଛି। ଭାରତରୁ ବିଜେପି ଓ ଆରଏସ୍ଏସ ପଠାଇଥିବା ଲୋକମାନେ ପାକିସ୍ତାନରେ ପୋଡ଼ାଜଳା ଏବଂ ହିଂସାକାଣ୍ଡ ଘଟାଇଉଥିବା ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ସ୍ୱତନ୍ତ୍ର ସହାୟକ ଅଟ୍ଟା ତରାର କହିଛନ୍ତି। ଇମ୍ରାନ ଖାନଙ୍କ ସମର୍ଥକମାନେ ଆର୍ମି ମୁଖ୍ୟାଳୟ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଷ୍ଠାନରେ ଭଙ୍ଗାରୁଜା ଓ ପୋଡ଼ାଜଳା କରୁଥିବା ବେଳେ ତରାର ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏହି ସମୟରେ ସେ ଦାବି କରିଛନ୍ତି ଯେ ଯେଉଁମାନେ ଭଙ୍ଗାରୁଜା ଓ ପୋଡ଼ାଜଳା କରୁଛନ୍ତି, ସେମାନେ ବିଜେପି ଓ ଆରଏସ୍ଏସ୍‌ର ଲୋକ। ସେମାନେ ଭାରତରୁ ଆସିଛନ୍ତି। ହିଂସାକାଣ୍ଡ ଘଟାଉଥିବା କିଛି ହାତ ଗଣତି ଲୋକ ବିଜେପି ଓ ଆରଏସ୍ଏସ୍ ସହ ଜଡ଼ିତ। ଗତକାଲିର ବିକ୍ଷୋଭ ଓ ପୋଡ଼ାଜଳା ପରେ ସେମାନେ ଉତ୍ସବ ମନାଇଛନ୍ତି। ବିଜେପି ଓ ଆରଏସ୍ଏସ୍ ଉତ୍ସବ ମନାଉଛନ୍ତି। ଭାରତରେ ଗତକାଲି ମିଠା ମଧ ବଣ୍ଟା ଯାଇଥିଲା। କାଲି ଯାହା ବି ହୋଇଛି, ସବୁ କିଛି ଆରଏସ୍ ?ଏସର ନିର୍ଦ୍ଦେଶରେ ହୋଇଛି।" ମଙ୍ଗଳବାର ଇମ୍ରାନ ଖାନ ଗୋଟିଏ ମାମଲାର ନିୟମିତ ଶୁଣାଣି ପାଇଁ ଇସଲାମାବାଦ ହାଇକୋର୍ଟରେ ହାଜର ହୋଇଥିଲେ। ଏହି ସମୟରେ କୋର୍ଟ ପରିସରରୁ ତାଙ୍କୁ ପାକ୍ ରେଞ୍ଜର୍ସମାନେ ଅଜଣା ସ୍ଥାନକୁ ଗିରଫ କରି ନେଇ ଯାଇଥିଲେ।

## ଅନିର୍ଦ୍ଦିଷ୍ଟ କାଳ ପାଇଁ ଇଣ୍ଟରନେଟ ସେବା ବନ୍ଦ

*ଇମ୍ରାନ ଖାନ ଗିରଫ ହେବା ପରେ ପୂରା ପାକିସ୍ତାନ ଜଳିବାରେ ଲାଗିଛି। ଇମ୍ରାନ ସମର୍ଥକମାନେ ବ୍ୟାପକ ପୋଡ଼ଜଳା କରିବାରେ ଲାଗିଛନ୍ତି। ଏହି ଘଟଣାରେ ୧୦୦୦ରୁ ଅଧିକ ପିଟିଆଇ କର୍ମୀଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ଉତ୍ତେଜନା ଥମିବାର ନାଁ ଧରୁନି। ବିଭିନ୍ନ ସ୍ଥାନରେ ମଧ୍ୟ ୧୪୪ ଧାରା ଲାଗୁ କରାଯାଇଛି। ସ୍ଥିତି ଦିନକୁ ଦିନ ବିଗୁଡୁଥିବାରୁ ପାକିସ୍ତାନ ସରକାର ପୂରା ଦେଶରେ ଇଣ୍ଟରନେଟ ସେବାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରି ଦେଇଛନ୍ତି। ଦେଶର ଟେଲିକମ୍ୟୁନିକେସନ ଅଥୋରିଟି ଏହାକୁ ନିଶ୍ଚିତ କରିବା ସହ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ମୋବାଇ ବ୍ରଡବ୍ୟାଣ୍ଡ ସେବାକୁ ବନ୍ଦ କରାଯାଇଥିବା କହିଛି। ଅଲ କାଦିର ଟ୍ରଷ୍ଟ ମାମଲାରେ ଇମ୍ରାନ ଖାନ ଗିରଫ ହେବା ପରେ ତାଙ୍କ ଦଳ ପିଟିଆଇ ପକ୍ଷରୁ ବିକ୍ଷୋଭ ଆରମ୍ଭ କରାଯାଇଥିଲା। ଏହାର ଭିଡିଓ ସବୁ ସୋଶାଲ ମିଡିଆରେ ଭାଇରାଲ ହେବା ପରେ ସରକାର ଇଣ୍ଟରନେଟ ସେବାକୁ ବନ୍ଦ କରିଛନ୍ତି। ଏଥିପାଇଁ ଗତକାଲି ଠାରୁ ଇଣ୍ଟରନେଟ ସେବାକୁ ବନ୍ଦ ରଖାଯାଇଥିଲା। ଏବେ ଏହି ବନ୍ଦ ଅବଧି ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ବଳବତ୍ତର ରହିବ।*

## କୁନୋ ଅଭୟାରଣ୍ୟରେ ମାଈ ଚିତାର ମୃତ୍ୟୁ

ଗ୍ୱାଲିୟର : ଦକ୍ଷିଣ ଆଫ୍ରିକାରୁ ଅଣାଯାଇଥିବା ଆଉ ଏକ ଚିତାର କୁନୋ ଜାତୀୟ ଉଦ୍ୟାନରେ ମୃତ୍ୟୁ ଘଟିଛି। ଏପର୍ଯ୍ୟନ୍ତ ତିନୋଟି ଚିତାଙ୍କର ମୃତ୍ୟୁ ହୋଇଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୁନୋ ଜାତୀୟ ଉଦ୍ୟାନର ବଡ଼ ଏନକ୍ଲୋଜରରେ ଅଣ୍ଡିରା ଚିତା ସହିତ ଲଢ଼ି ମାଈ ଚିତାର ମୃତ୍ୟୁ ହୋଇଛି। ପୂର୍ବରୁ ଦୁଇଟି ଚିତାଙ୍କର ମୃତ୍ୟୁ ଘଟିଥିଲା, ସେମାନଙ୍କ ମଧ୍ୟରୁ ଗୋଟିଏ ଚିତାର କିଡନୀ ସଂକ୍ରମଣ ଯୋଗୁ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଚିତାର ହୃଦଘାତରେ ମୃତ୍ୟୁ ହୋଇଥିଲା। ବନ ବିଭାଗ ଦେଇଥିବା ସୂଚନା ଅନୁଯାୟୀ, ମେ ୯ ରେ ପୂର୍ବାହ୍ନ ୧୦ଟା ୪୫ ସମୟରେ କୁନୋ ଜାତୀୟ ଉଦ୍ୟାନରେ ଦକ୍ଷିଣ ଆଫ୍ରିକାରୁ ଆସିଥିବା ମାଈ ଚିତା ଦକ୍ଷା ଆହତ ହୋଇଥିବା ମନିଟରିଂ ଦଳ ଜାଣିବାକୁ ପାଇଥିଲେ। ପ୍ରାଣୀ ଚିକିତ୍ସକମାନେ ଦକ୍ଷାର ଚିକିତ୍ସା କରିଥିଲେ। ମଧ୍ୟାହ୍ନ ୧୨ ଟା ସମୟରେ ଦକ୍ଷାର ମୃତ୍ୟୁ ଘଟିଥିଲା।

## ଉଦ୍ଧବଙ୍କ ଗୋଷ୍ଠୀକୁ ପରୋକ୍ଷରେ ଟାର୍ଗେଟ କଲେ ଶରଦ

ମୁମ୍ବାଇ: ପରୋକ୍ଷରେ ଉଦ୍ଧବ ଠାକରେଙ୍କ ଗୋଷ୍ଠୀକୁ ଟାର୍ଗେଟ କରିଛନ୍ତି ଏନସିପି ସୁପ୍ରିମୋ ଶରଦ ପାଓ୍ୱାର । ଉଦ୍ଧବଙ୍କ ଶିବସେନାର ମୁଖପତ୍ର 'ସାମନା'ର ସମ୍ପାଦକୀୟକୁ ଟାର୍ଗେଟ କରିବା ସହ କଂଗ୍ରେସ ନେତା ପୃଥ୍ୱୀରାଜ ଚୌହାନଙ୍କୁ ମଧ୍ୟ କଡା ଜବାବ ଦେଇଛନ୍ତି। ବାସ୍ତବରେ ଗତକାଲି ସାମନାର ସମ୍ପାଦକୀୟରେ ଲେଖାଯାଇଥିଲା ଯେ ଶରଦ ପାଓ୍ୱାର ତାଙ୍କ ଉତ୍ତରାଧିକାରୀଙ୍କୁ ପ୍ରସ୍ତୁତ କରିବାରେ ବିଫଳ ହୋଇଛନ୍ତି ଯିଏ ତାଙ୍କ ପାର୍ଟିକୁ ଆଗକୁ ନେବ। ଆଉ ଏହାପରେ ଶରଦ ପାଓ୍ୱାର କହିଛନ୍ତି ଯେ ଅନ୍ୟମାନେ ତାଙ୍କ ବିଷୟରେ କ'ଣ ଲେଖନ୍ତି ସେଥିପ୍ରତି ତାଙ୍କର ଧ୍ୟାନ ନାହିଁ ଏବଂ ସେ ଯେଉଁମାନଙ୍କୁ ପ୍ରସ୍ତୁତ କରିଛନ୍ତି, ସେମାନେ ସେମାନଙ୍କର ଯୋଗ୍ୟତା ପ୍ରମାଣ କରିସାରିଛନ୍ତି। ରିପୋର୍ଟ ଅନୁଯାୟୀ, ସତାରାରେ ଶରଦ ପାଓ୍ୱାର କହିଛନ୍ତି ଯେ, 'ଆମ ବିଷୟରେ ଯାହା ଲେଖାଯାଉଛି, ତାହାକୁ ଆମେ ଗୁରୁତ୍ୱ ଦେଉନାହୁଁ । ଆମେ ଉତ୍ତରାଧିକାରୀ ପ୍ରସ୍ତୁତ କରିଛୁ ନା ନାହିଁ, ସେମାନେ ଯାହା ଭାବୁଛନ୍ତି ସେୟା ଲେଖୁଛନ୍ତି ସେଥିପ୍ରତି ଗୁରୁତ୍ୱ ଦେଉ ନାହୁଁ। ଏହା କରିବା ସେମାନଙ୍କର ଅଧିକାର। ଆମେ ଏହାକୁ ଅଣଦେଖା କରୁ ।

## ରାଜସ୍ଥାନ କଂଗ୍ରେସର କନ୍ଦଳକୁ ନେଇ ସମାଲୋଚନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ରାଜସ୍ଥାନ କଂଗ୍ରେସର ଦୁଇ ବରିଷ୍ଠ ନେତା ସଚିନ ପାଇଲଟ ଓ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ମଧ୍ୟରେ ଚାଲିଥିବା ତିକ୍ତତା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ଏହି ପ୍ରସଙ୍ଗ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜସ୍ଥାନରେ ଉଠାଇବା ସହ କ୍ଷମତାସୀନ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ସରକାର ଏଠି ନିଜର ବିଧାୟକମାନଙ୍କୁ ବିଶ୍ୱାସ କରୁ ନଥିବା ବେଳେ ବିଧାୟକମାନେ ମୁଖ୍ୟମନ୍ତ୍ରୀ(ଅଶୋକ ଗେହଲଟ)ଙ୍କୁ ବିଶ୍ୱାସକୁ ନେଉ ନାହାନ୍ତି। ଏହା କେମିତିକା ସରକାର ବୋଲି ପ୍ରଧାନମନ୍ତ୍ରୀ ମୋଦି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, "ଏଠାରେ ସରକାରରେ ଥିବା ସମସ୍ତେ ପରସ୍ପରକୁ ଅପମାନିତ କରିବା ପ୍ରତିଯୋଗିତାରେ ଲାଗି ପଡ଼ିଛନ୍ତି। ଯେତେବେଳେ ଚୌକି(ମୁଖ୍ୟମନ୍ତ୍ରୀ) ୫ ବର୍ଷ ହେଲା ବିଶୃଙ୍ଖଳାରେ ରହିଛି ସେତେବେଳେ କିଏ ରାଜସ୍ଥାନ ବିକାଶ କଥା ଚିନ୍ତା କରିବ।" ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଗତକାଲି ସିଧାସଳଖ ମୁଖ୍ୟମନ୍ତ୍ରୀ ଗେହଲଟଙ୍କୁ ଟାର୍ଗେଟ କରିଥିଲେ।

## ଚୀନ-କାନାଡା ମଧ୍ୟରେ କୂଟନୈତିକ ବିବାଦ

ବେଜିଂ : ଚୀନ ଓ କାନାଡା ମଧ୍ୟରେ କୂଟନୈତିକ ସ୍ତରରେ ଏକ ବଡ଼ ବିବାଦ ଦେଖାଦେଇଛି । କାନାଡାର ଜଣେ ସାଂସଦଙ୍କୁ ଧମକ ଦେବା ଅଭିଯୋଗରେ କାନାଡା ସରକାର ଚୀନର ଜଣେ କୂଟନୀତିଜ୍ଞଙ୍କୁ ବହିଷ୍କାର କରିବା ପରେ ତାହାର ଜବାବରେ ଚୀନ ମଧ୍ୟ କାନାଡାର ଜଣେ କୂଟନୀତିଜ୍ଞଙ୍କୁ ବହିଷ୍କାର କରିଛି ଓ ଦେଶ ଛାଡିବା ପାଇଁ ୫ ଦିନ ସମୟ ଦେଇଛି । ଚୀନର ବୈଦେଶିକ ମନ୍ତ୍ରଣାଳୟ ମଙ୍ଗଳବାର କହିଛି ଯେ କାନାଡାର ଅଯୌକ୍ତିକ ପଦକ୍ଷେପକୁ ସେ ଦୃଢ଼ ବିରୋଧ କରୁଛି ଏବଂ ଏହାର ଜବାବରେ ଚୀନ୍ ସମାନ ପଦକ୍ଷେପ ନେଉଛି। ସାଂଘାଇରେ ଅବସ୍ଥାପିତ କାନାଡାର କୂଟନୀତିଜ୍ଞଙ୍କୁ ମେ ୧୩ ସୁଦ୍ଧା ଦେଶ ଛାଡିବାକୁ କୁହାଯାଇଛି । ଏହାର ଜବାବରେ ପରବର୍ତ୍ତୀ ପଦକ୍ଷେପ ନେବାର ଅଧିକାର ଚୀନ୍ ପାଖରେ ରହିଛି ବୋଲି କୁହାଯାଇଛି । କାନାଡା ସରକାର ସୋମବାରଦିନ ଟରୋଣ୍ଟୋରେ ଅବସ୍ଥାପିତ ଚୀନ କୂଟନୀତିଜ୍ଞ ଝାଓ ଓ୍ୱେଇଙ୍କୁ ୫ ଦିନ ମଧ୍ୟରେ କାନାଡା ଛାଡ଼ିବାରୁ ନିର୍ଦ୍ଦେଶ ଦେଇଥିଲେ । କାନାଡାର ଜଣେ ସାଂସଦ ମାଇକେଲ ଝୋଙ୍ଗଙ୍କୁ ସେ ଧମକାଇଥିବା ଓ ହଂକଂରେ ଥିବା ତାଙ୍କର କିଛି ପରିବାର ଲୋକଙ୍କୁ ନିର୍ଯ୍ୟାତନା ଦିଆଯାଇଥିବା ରିପୋର୍ଟ ଆସିବା ପରେ କାନାଡା ସରକାର ଏହି ପଦକ୍ଷେପ ନେଇଥିଲେ ।

## ଯୌନ ଶୋଷଣ ମାମଲାରେ ଟ୍ରମ୍ପ ଗଣିବେ ୪୧୦ କୋଟି

ଆମେରିକା ନିର୍ବାଚନ ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଲାଗିଲା ଜବରଦସ୍ତ ଝଟକା। ଯୌନ ଶୋଷଣ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ଟ୍ରମ୍ପ । ୯୦ ଦଶକରେ ଘଟିଥିବା ଏହି ମାମଲା ପାଇଁ ଟ୍ରମ୍ପ ଏବେ ଗଣିବେ ମୋଟା ଅଙ୍କର ଦଣ୍ଡ। ଏଥିପାଇଁ ପୀଡ଼ିତାଙ୍କୁ ୫୦ ଲକ୍ଷ ଡଲାର ଅର୍ଥାତ ୪୧୦ କୋଟି ଟଙ୍କା କ୍ଷତିପୂରଣ ରାଶି ଦେବାକୁ ଟ୍ରମ୍ପଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ୯୦ ଦଶକର ଜଣେ ଜଣାଶୁଣା ଲେଖିକା ଇ. କ୍ୟାରଲଙ୍କୁ ଯୌନ ଶୋଷଣ କରିଥିବା ନେଇ ଟ୍ରମ୍ପଙ୍କ ନାଁରେ ମାମଲା ରୁଜୁ ହୋଇଥିଲା । ଏପରିକି ବିଭିନ୍ନ ସମୟରେ ଟ୍ରମ୍ପ ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରିଥିବା କୋର୍ଟ ପକ୍ଷରୁ କୁହାଯାଇଛି। ତେବେ ନିଜ ବିରୋଧରେ ହୋଇଥିବା ଦଣ୍ଡ ବିଧାନକୁ ଟ୍ରମ୍ପ ସହଜେ ଗ୍ରହଣ କରି ପାରି ନାହାନ୍ତି। ଏହା ତାଙ୍କ ବିରୋଧରେ ଷଡଯନ୍ତ୍ର ଓ ତାଙ୍କୁ ବଦନାମ କରିବାକୁ ଏପରି ସାଂଘାତିକ ଚକ୍ରାନ୍ତ ହୋଇଥିବା ସେ କହିଛନ୍ତି। ଗତ ଏପ୍ରିଲ ୨୫ ତାରିଖରେ ଟ୍ରମ୍ପଙ୍କ ବିରୋଧରେ ହୋଇଥିବା ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିବା ବେଳେ ୯ ଜୁରୀ ବିଶିଷ୍ଟ ଖଣ୍ଡପୀଠ ଟ୍ରମ୍ପଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କ୍ୟାରଲଙ୍କ ଅଭିଯୋଗ ଅନୁଯାୟୀ, ୧୯୯୬ ମସିହାରେ ମ୍ୟାନହଟ୍ଟର ଏକ ଡିପାର୍ଟମେଣ୍ଟାଲ ଷ୍ଟୋରରେ ଟ୍ରମ୍ପ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ କ୍ୟାରଲ ନିଜ ପୁସ୍ତକରେ ବର୍ଣ୍ଣନା କରିଥିଲେ। ଗତ କିଛି ବର୍ଷ ମଧ୍ୟରେ ବହୁ ସଂଖ୍ୟାରେ ମହିଳା ଟ୍ରମ୍ପଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣି ନ୍ୟାୟ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ସାରିଲେଣି। ଯୌନ ଉତ୍ପୀଡ଼ନ ମାମଲାରେ ଦୋଷୀ ସାବ୍ୟସ୍ତ ଟ୍ରମ୍ପଙ୍କ ପାଇଁ ଆସନ୍ତା ବର୍ଷ ହେବାକୁ ଥିବା ନିର୍ବାଚନ ଲଢ଼ିବା କଷ୍ଟକର ହୋଇପାରେ ବୋଲି ରାଜନୈତିକ ବିଶ୍ଳେଷଜ୍ଞ ମତ ଦେଉଛନ୍ତି। ସୂଚନାଯୋଗ୍ୟ, ୨୦୧୬ ମସିହାର ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ ପର୍ଣ୍ଣଷ୍ଟାର ଷ୍ଟର୍ମୀ ଡାନିଏଲ୍ସଙ୍କୁ ୧,୩୦,୦୦୦ ଡଲାର ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଗତ ଏପ୍ରିଲ ୫ ତାରିଖରେ ଟ୍ରମ୍ପ ନ୍ୟୁୟର୍କର ମ୍ୟାନହାଟ୍ଟନ୍ କୋର୍ଟରେ ଆତ୍ମସମର୍ପଣ କରିବାକୁ ଯାଉଥିବା ବେଳେ ସେଠାରେ ପୁଲିସ୍ ତାଙ୍କୁ ଗିରଫ କରିଥିଲା। ଏହାର ଘଣ୍ଟାକ ପରେ ତାଙ୍କୁ ଜାମିନ ମିଳିଥିଲା। ଟ୍ରମ୍ପ କିନ୍ତୁ ନିଜକୁ ନିର୍ଦ୍ଦୋଷ ବୋଲି ସଫେଇ ଦେଇଥିଲେ। ଟ୍ରମ୍ପ କୋର୍ଟରେ କହିଥିଲେ ଯେ, ମୋ ବିରୋଧରେ ରୁଜୁ ହୋଇଥିବା ସମସ୍ତ ୩୪ଟି ମାମଲା ସମ୍ପୂର୍ଣ୍ଣ ଭିତ୍ତିହୀନ ଅଟେ। ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ଆମେରିକାରେ ଏବେ ଏପରି ଘଟଣା ଘଟୁଛି ଯାହାକୁ ବିଶ୍ୱାସ କରିବା କଷ୍ଟକର ହୋଇ ପଡୁଛି ବୋଲି କୋର୍ଟରେ ଟ୍ରମ୍ପ କହିଥିଲେ।



## ଛତିଶଗଡ଼ରେ ୨ ହଜାର କୋଟିର ମଦ ଦୁର୍ନୀତି

ରାୟପୁର : ଛତିଶଗଡ଼ରେ ବେଆଇନ ମଦ ସିଣ୍ଡିକେଟ୍ ପଛରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ର ଜଣେ ଅଧିକାରୀ କିଙ୍ଗ୍ପିନ୍ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିଯୋଗ କରିଛି। ଆଇଏଏସ୍ ଅଫିସର ଅନିଲ ଟୁଟେଜା ମଦ ବ୍ୟବସାୟୀ ଅନଓ୍ୱର ଧେବାରଙ୍କ ସହ ମିଶି ଏହି ବେଆଇନ କାରବାର ଚଳାଇଥିଲେ। ଦୁର୍ନୀତିରୁ ଉପାର୍ଜିତ ଅର୍ଥକୁ ନିର୍ବାଚନ ପ୍ରଚାରରେ ଖର୍ଚ୍ଚ କରାଯାଉଥିଲା ବୋଲି ଇଡି କହିଛି। ଛତିଶଗଡ଼ରେ ୨୦୧୯ରୁ ୨୦୨୨ ମଧ୍ୟରେ ବିକ୍ରି ହୋଇଥିବା ମୋଟ ମଦରୁ ୩୦ରୁ ୪୦ ପ୍ରତିଶତ ହେଉଛି ହିସାବ ବହିର୍ଭୂତ ବେଆଇନ ମଦ ବୋଲି ଇଡି ତଦନ୍ତରୁ ଜାଣିବାକୁ ପାଇଛି। ରାଜ୍ୟରେ ଉଚ୍ଚସ୍ତରୀୟ ସରକାରୀ ଅଧିକାରୀ, ଘରୋଇ ବ୍ୟକ୍ତିବିଶେଷ ଏବଂ ରାଜନୈତିକ ପଦାଧିକାରୀମାନଙ୍କୁ ନେଇ ବେଆଇନ ମଦ ବ୍ୟବସାୟର ସିଣ୍ଡିକେଟ୍ ଚାଲିଥିଲା। ଏହି ଦୁର୍ନୀତିରୁ ୨,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରାଯାଇ ନିର୍ବାଚନରେ ଖର୍ଚ୍ଚ କରାଯାଇଥିଲା। ଅନଓ୍ୱର ହେଉଛନ୍ତି କଂଗ୍ରେସ ନେତା ତଥା ରାୟପୁର ମେୟର ଐଜାଜ୍ ଧେବରଙ୍କ ବଡ଼ଭାଇ। ୨୦୦୩ ବ୍ୟାଚ୍ର ଆଇଏଏସ୍ ଅଫିସର ଟୁଟେଜା ଏବେ ଛତିଶଗଡ଼ ସରକାରରେ ଶିଳ୍ପ ଓ ବାଣିଜ୍ୟ ବିଭାଗ ଯୁଗ୍ମ ସଚିବ ଅଛନ୍ତି। ଶନିବାର ଅନଓ୍ୱରଙ୍କୁ ଗିରଫ କରାଯିବା ପରେ ୪ ଦିନିଆ ଇଡି ରିମାଣ୍ଡରେ ପଠାଯାଇଛି।

## ମହିଳା ଡାକ୍ତରଙ୍କୁ ନିର୍ମମ ଭାବେ ହତ୍ୟା କଲେ ଶିକ୍ଷକ

କୋଝିକୋଡେ: ହସ୍ପିଟାଲ ଭିତରେ ଯୁବ ମହିଳା ଡାକ୍ତରଙ୍କୁ ହତ୍ୟା। କେରଳର କୋଲ୍ଲାମ ଜିଲ୍ଲା କୋଟ୍ଟାରାକ୍କାରାରେ ଥିବା ଗୋଟିଏ ହସ୍ପିଟାଲରେ ମହିଳା ଡାକ୍ତର ଜଣଙ୍କ ଯେଉଁ ଆହତ ସ୍କୁଲ ଶିକ୍ଷକଙ୍କ ଚିକିତ୍ସା କରୁଥିଲେ ସେ ହିଁ ତାଙ୍କୁ ହତ୍ୟା କରିଛନ୍ତି। ଏହି ବ୍ୟକ୍ତିଙ୍କୁ ଆହତ ଅବସ୍ଥାରେ ପୁଲିସ୍ ହସ୍ପିଟାଲକୁ ଆଣିଥିଲା। ହେଲେ ନିଶାସକ୍ତ ଅବସ୍ଥାରେ ଥିବା ବ୍ୟକ୍ତି ଜଣଙ୍କ କଇଁଚି ଓ ଅପରେସନ ପାଇଁ ବ୍ୟବହାର ହେଉଥିବା ଛୁରୀରେ ଆକ୍ରମଣ କରି ଡାକ୍ତରଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛନ୍ତି। ଗୋଡ଼ରେ ଆହତ ପାଇଥିବା ସ୍କୁଲ ଶିକ୍ଷକ ଜଣକ ହେଲେ ସନ୍ଦୀପ। ପରିବାର ଲୋକଙ୍କ ସହ ଝଗଡ଼ା କରି ତାଙ୍କ ଗୋଡ଼ରେ କ୍ଷତଚିହ୍ନ ସୃଷ୍ଟି ହୋଇଥିଲା। ପୁଲିସ୍ ତାଙ୍କୁ ଉଦ୍ଧାର କରି ଡ୍ରେସିଂ ପାଇଁ ହସ୍ପିଟାଲକୁ ଆଣିଥିଲା। ଏଠାରେ ଡାକ୍ତର ବନ୍ଦନା ଦାସ ତାଙ୍କ କ୍ଷତଚିହ୍ନ ଉପରେ ପଟି ଲଗାଉଥିଲେ।ହେଲେ ଏହି ସମୟରେ ସନ୍ଦୀପ ଚିତ୍କାର କରି ଉଠିବା ସହ ବନ୍ଦନାଙ୍କ ସମେତ ସେଠାରେ ଥିବା ଅନ୍ୟ କର୍ମଚାରୀ ଓ ପୁଲିସ୍ ?କୁ ମଧ୍ୟ ଆକ୍ରମଣ କରିଥିଲେ। ବୁଧବାର ସକାଳେ ଏହି ଘଟଣା ଘଟିଥିବା ବେଳେ ସନ୍ଦୀପଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ବନ୍ଦନା ଦିନ ପ୍ରାୟ ୧୦ଟା ବେଳେ ଆଖିବୁଜିଛନ୍ତି। ହସ୍ପିଟାଲରେ ଘଟିଥିବା ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇ ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ସନ୍ଦୀପଙ୍କ ଝଗଡ଼ା ପରିବାର ଲୋକଙ୍କ ସହ ହୋଇଥିଲା। ତାଙ୍କୁ ରକ୍ଷା କରିବା ପାଇଁ ସେ ପୁଲିସ୍‌କୁ ଫୋନ କରିଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ସନ୍ଦୀପ ଆହତ ଅବସ୍ଥାରେ ଥିଲେ। ତେଣୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ମେଡିକାଲ ନିଆଯାଇଥିଲା। ସେ ପ୍ରବଳ ମଦ ପିଇଥିବାରୁ ହସ୍ପିଟାଲ ନେବା ବେଳେ ସେ ଛାଟିପିଟି ହେଉଥିଲେ। ହସ୍ପିଟାଲରେ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ତାଙ୍କ କ୍ଷତଚିହ୍ନର ଡ୍ରେସିଂ ଆରମ୍ଭ କରିଥିଲେ। ଉକ୍ତ ରୁମ ବାହାରେ ପୁଲିସ ରହିଥିଲା।

# ଏସ୍‌ସିବି ଅର୍ଥୋପେଡିକ୍ ବିଭାଗରେ ଡାକ୍ତର, ନର୍ସ ଅଭାବ ଅସ୍ତ୍ରୋପଚାର ପାଇଁ ରୋଗୀ ହନ୍ତସନ୍ତ





କଟକ(ପିପିଏସ୍) : କଟକ ବଡ଼ଡାକ୍ତରଖାନା ଅସ୍ଥିଶଲ୍ୟ (ଅର୍ଥୋପେଡିକ୍) ବିଭାଗରେ ଡାକ୍ତର ଓ ଓଟି ସମସ୍ୟା ଗୁରୁତର ହେବାରେ ଲାଗିଛି। ଦିନକୁ ହାରାହାରି ୩୦ଜଣ ରୋଗୀ ବିଭାଗକୁ ଆସୁଥିବାବେଳେ ବିଭାଗରେ ରହିଥିବା ମାତ୍ର ୩ଟି ଅସ୍ତ୍ରୋପଚାର ଟେବୁଲ ଯୋଗୁଁ ଅସ୍ତ୍ରୋପଚାର ପାଇଁ ରୋଗୀଙ୍କୁ ୨/୩ ସପ୍ତାହ ବି ଅପେକ୍ଷା କରିବାକୁ ପଡୁଛି। ଦିନକୁ ୧୨ରୁ ଅଧିକ ଅସ୍ତ୍ରୋପଚାର ହେଉଥିଲେ ବି ସମସ୍ୟାର ସମାଧାନ ହୋଇ ପାରୁ ନାହିଁ। ଆକଳନ ଅନୁଯାୟୀ ପ୍ରତି ସପ୍ତାହରେ ହାରାହାରି ଭାବେ ଶହେ ରୋଗୀ ପରବର୍ତ୍ତୀ ସପ୍ତାହ ପାଇଁ ବଳି ପଡୁଛନ୍ତି। ରୋଗୀ ସଂଖ୍ୟା ବଢୁଥିବା ବେଳେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ପଦ ଖାଲି ପଡିଛି। ଓଟି ଟେବୁଲ୍ ସଂଖ୍ୟା ବଢୁନି କି ନର୍ସ, ଡାକ୍ତରଙ୍କ ସଂଖ୍ୟା ବଢୁନି। ଏପଟେ ଏସ୍‌ସିବି ଆଂଚଳିକ ମେରୁଦଣ୍ଡ ଆଘାତ କେନ୍ଦ୍ରରେ ୫୦ରୁ ଊର୍ଦ୍ଧ୍ୱ ମେରୁଦଣ୍ଡଆଘାତ ରୋଗୀ ରହିଥିବାବେଳେ ସପ୍ତାହକୁ ମାତ୍ର ଦୁଇ ଦିନ ସ୍ପାଇନାଲ ଓଟି ହେଉଥିବାରୁ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ଦୀର୍ଘଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଯେଉଁଦିନ ସ୍ପାଇନାଲ ଅସ୍ତ୍ରୋପଚାର କରାଯାଉଛି ସେଦିନ ମେରୁଦଣ୍ଡ ଆଘାତ କେନ୍ଦ୍ରରେ ଏକ୍ସରେ ବନ୍ଦ ରହୁଛି। ଏସସିବି ଅର୍ଥୋପେଡିକ୍ ବିଭାଗରେ ରହିଛି ୧୮୦ଟି ବେଡ୍। ଆଂଚଳିକ ମେରୁଦଣ୍ଡ ଆଘାତ କେନ୍ଦ୍ର ଓ ଟ୍ରମା ବିଭାଗ ବି ଅର୍ଥୋପେଡିକ୍ ବିଭାଗ ଦ୍ୱାରା ପରିଚାଳିତ ହେଉଛି। ବିଭାଗରେ ଆଇସିୟୁ ନଥିବାରୁ ସେଣ୍ଟ୍ରାଲ ଓ ଟ୍ରମା ଆଇସିୟୁ ଉପରେ ନିର୍ଭର କରୁଛନ୍ତି ରୋଗୀ। ବିଭାଗରେ ୨ଜଣ ପ୍ରଫେସର ରହିବା କଥା କିନ୍ତୁ ଜଣେ ପ୍ରଫେସର ରହିଛନ୍ତି। ଅନ୍ୟଜଣେ ଚୁକ୍ତିଭିତ୍ତିକ ପ୍ରଫେସର ରହିଛନ୍ତି। ସେହିପରି ୪ଜଣ ଆସୋସିଏଟ୍ ପ୍ରଫେସରଙ୍କ ରହିବା ସ୍ଥାନରେ ଅଛନ୍ତି ମାତ୍ର ୨ଜଣ। ଆସିଷ୍ଟାଣ୍ଟ ପ୍ରଫେସର ୧୦ଜଣ ରହିଛନ୍ତି। କିନ୍ତୁ ନର୍ସିଂ କର୍ମଚାରୀ ଘୋର ଅଭାବ ରହିଥିବାବେଳେ ଟ୍ରମା କାଜୁଆଲିଟିରେ ୨ଟି ଓଟି ଟେବୁଲ ରହିଥିଲେ ବି ଗୋଟିଏ କାର୍ଯ୍ୟକ୍ଷମ ହୋଇପାରୁଛି। ଅନ୍ୟଟି କର୍ମଚାରୀ, ଡାକ୍ତର ଅଭାବରୁ କାମରେ ଆସୁନି। ସେହିପରି ଅର୍ଥୋପେଡିକ୍ ବିଭାଗର ମୁଖ୍ୟ ଓଟି ଓ ତାସାଙ୍ଗକୁ ୨ଟି ଓଟି ଟେବୁଲ ରହିଛି। ପ୍ରତିଦିନ ଦୁର୍ଘଟଣା ହେଉ ବା ଅନ୍ୟକାରଣରୁ ହାତଗୋଡ ତଥା ହାଡଭଙ୍ଗା ରୋଗୀଙ୍କ ସଂଖ୍ୟା ବଢୁଥିବାବେଳେ ସେମାନଙ୍କୁ ଅସ୍ତ୍ରୋପଚାର ପାଇଁ ଦିନ ଦିନ ଅପେକ୍ଷା କରିବାକୁ ପଡୁଛି। ବିଭାଗରେ ଏବେ ଏମିତି ସ୍ଥିତି ଯେ, ଅପେକ୍ଷାରେ ଶତାଧିକ ରୋଗୀ ରହିଥିବାବେଳେ ହାଡଭଙ୍ଗା ରୋଗୀଙ୍କୁ ଅଧିକ ଗୁରୁତ୍ୱ ନଦେଲେ ରୋଗୀ ଅସୁବିଧାରେ ପଡିବେ। ଫଳରେ ଆଣ୍ଠୁ ପ୍ରତିରୋପଣ ହେଉ ବା ଅନ୍ୟ ଜଟିଳ ଅସ୍ତ୍ରୋପଚାର ଯାହାକି କିଛିଦିନ ଗଡିଗଲେ ବି ଚଳିବ ସେଭଳି ଅସ୍ତ୍ରୋପଚାରକୁ ପାଇଁ ମାସ ମାସ ସମୟ ଲାଗୁଛି। ଗଛରୁ ପଡି ହେଉ ବା ଦୁର୍ଘଟଣାରେ ମେରୁଦଣ୍ଡ ଆଘାତ ରୋଗୀଙ୍କ ସଂଖ୍ୟା ବଢୁଛି। କିନ୍ତୁ ସପ୍ତାହକୁ ଦୁଇଦିନ ଅର୍ଥାତ୍ ବୁଧବାର ଓ ଶନିବାର ସେମାନଙ୍କର ଓଟି କରାଯାଉଛି। ଫଳରେ ସ୍ପାଇନାଲ ଅସ୍ତ୍ରୋପଚାର ପାଇଁ ବି ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଆଂଚଳିତ ମେରୁଦଣ୍ଡ ଆଘାତ କେନ୍ଦ୍ରରେ ଯେଉଁ ଦୁଇଦିନ ଅସ୍ତ୍ରୋପଚାର କରାଯାଉଛି ସେହିଦିନ ଏକ୍ସରେ ହୋଇପାରୁନି। ଜଣେ ଟେକ୍ନିସିଆନ ରହିଥିବାରୁ ସେ ଓଟିରେ ରହୁଛନ୍ତି।

# ଜଗତପୁରରେ ନର୍ସିଂହୋମ୍ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଉପରେ ଚଢଉ ୭୦ ହଜାର ଜରିମାନା, ଓମ୍ ସାଇ ତ୍ରିମୂର୍ତ୍ତି ହେଲ୍‌ଥ କେୟାର ସିଲ୍ କଲା ସିଏମ୍‌ସି






କଟକ, (ପିପିଏସ୍): କଟକ ମହାନଗର ନିଗମ(ସିଏମସି) ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ମଙ୍ଗଳବାର ବେଆଇନ ଭାବେ ଚାଲୁଥିବା ଜଗତପୁରର ଦୁଇଟି ନର୍ସିଂହୋମ ଓ ଡାଇଗ୍ନୋଷ୍ଟିକ ସେଣ୍ଟର ଉପରେ ଚଢଉ କରାଯାଇ ଗୋଟିଏକୁ ସିଲ୍ କରିଦିଆଯାଇଥିବା ସହ ଉଭୟଙ୍କ ନିକଟରୁ ଜରିମାନା ସ୍ୱରୂପ ୭୦ ହଜାର ଟଙ୍କା ଆଦାୟ କରାଯାଇଛି। ପ୍ରକାଶ ଥାଉକି, ବିଶେଷ ସୂତ୍ରରୁ ଖବର ପାଇ ସିଏମସିର ଏନଫୋର୍ସମେଣ୍ଟ ଟିମ ଜଗତପୁରସ୍ଥିତ ଓମ ସାଇ ତ୍ରିମୂର୍ତ୍ତି ହେଲଥ କେୟାର ଓ ଅଲଟ୍ରା ହସ୍ପିଟାଲ ଆଣ୍ଡ ଡାଇଗ୍ନୋଷ୍ଟିକ ସେଣ୍ଟର ଉପରେ ଚଢାଉ କରିଥିଲେ। ନିୟମ ଉଲ୍ଲଙ୍ଘନ କରି ବ୍ୟବସାୟ ଚଳାଉଥିବା, ନଥିପତ୍ର ନଥିବା, ଫାୟାର ସେଫ୍ଟି ଏବଂ ପାର୍କିଂ ସ୍ଥାନ ନଥିବାରୁ ଅଲଟ୍ରା ହସ୍ପିଟାଲ ଆଣ୍ଡ ଡାଇଗ୍ନୋଷ୍ଟିକ ସେଣ୍ଟର ଉପରେ ୫୦ ହଜାର ଟଙ୍କା ଜୋରିମାନା କରାଯାଇଥିବା ସହ ୨୪ ଘଣ୍ଟା ମଧ୍ୟରେ ବ୍ୟବସାୟିକ ପ୍ରତିଷ୍ଠାନର ସମସ୍ତ ନଥିପତ୍ର ଦାଖଲ କରିବାକୁ ନିଦର୍ଦେଶ ଦିଆଯାଇଛି। ନଚେତ ସଂସ୍ଥାକୁ ସିଲ କରିଦିଆଯିବ ବୋଲି ସିଏମସି ପକ୍ଷରୁ ଦିଆଯାଇଥିବା ନୋଟିସରେ ଦର୍ଶାଯାଇଛି। ସେହିପରି ଓମ୍ ସାଇ ତ୍ରିମୂର୍ତ୍ତି ହେଲଥ କେୟାର ନର୍ସିଂହୋମ କୌଣସି କାଗଜପତ୍ର ଦେଖାଇ ପାରିନଥିବାରୁ ଉକ୍ତ ବ୍ୟବସାୟିକ ପ୍ରତିଷ୍ଠାନଠାରୁ ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇ ତାହାକୁ ସିଲ କରିଦିଆଯାଇଛି। ଏହି ଚଢାଉରେ ସିଏମସି ଏନ୍‌ଫୋର୍ସମେଣ୍ଟ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଅଜୟ ମହାନ୍ତି, ଏନଫୋର୍ସମେଣ୍ଟ ସ୍କ୍ୱାଡର ଇନ୍‌ଚାର୍ଜ ପଂଚାନନ ପାଲ, ପ୍ରଫୁଲ୍ଲମଙ୍ଗଲ, ଲାଇସେନ୍ସ ବିଭାଗ ଟିମ୍ ଓ ସିଡିଇଏଫ୍‌ର ୨ଟି ଟିମ୍ ସାମିଲ ଥିଲେ।

# ବିଏମ୍‌ସିର ୭ ନମ୍ବର ୱାର୍ଡ଼ ମହାବୀର ବସ୍ତିରେ ୪୧ ପିଲା ନାହିଁ ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ସୁବିଧାରୁ ବଞ୍ଚିତ



ଭୁବନେଶ୍ୱର(ପିପିଏସ୍) :ଅପପୁଷ୍ଟି ମୁକାବିଲା ଦିଗରେ ସରକାର ଯେତେ ବାସ୍ତବତା ଅଲଗା। ବିଏମ୍‌ସିର ୭ ନମ୍ବର ୱାର୍ଡ ଅନ୍ତର୍ଗତ ମହାବୀର ବସ୍ତିରେ ୨୫୦ରୁ ଊର୍ଦ୍ଧ୍ୱ ପରିବାର ଓ ୪୧ରୁ ଊର୍ଦ୍ଧ୍ୱ ଶିଶୁ ଥିଲେ ହେଁ ଏଠାରେ ଆଜିପର୍ଯ୍ୟନ୍ତ ଗୋଟିଏ ଅଙ୍ଗନବାଡ଼ି କିମ୍ବା ମିନି ଅଙ୍ଗନବାଡ଼ି କେନ୍ଦ୍ର ହୋଇପାରିନାହିଁ। ୨୦୨୧ ମସିହାରେ ଏହାକୁ ନେଇ ସ୍ଥାନୀୟ ଅଧିବାସୀମାନେ ଆଇସିଡିଏସ୍ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କୁ ଚିଠି ଜରିଆରେ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତି ଶିଶୁଙ୍କ ନାମ ସହିତ ତାଲିକା ମଧ୍ୟ ଦିଆଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ କୌଣସି ଲାଭ ହୋଇ ନାହିଁ।ପ୍ରତି ୪୦୦ରୁ ୫୦୦ ଜନସଂଖ୍ୟାରେ ଅଙ୍ଗନବାଡି କିମ୍ବା ଏହାଠାରୁ କମ୍ ଜନସଂଖ୍ୟା ଥିଲେ ମିନି ଅଙ୍ଗନବାଡି କେନ୍ଦ୍ର ସ୍ଥାପନ ପାଇଁ ବିଭାଗ ର ନିର୍ଦ୍ଦେଶ ରହିଛି। ଏହା ଜରିଆରେ ୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ବିଭିନ୍ନ ପ୍ରକାର ପୋଷଣଯୁକ୍ତ ଖାଦ୍ୟ ଦିଆଯିବା ସହିତ ପିଲାଙ୍କୁ ପାଠ ପଢ଼ାଯାଏ। ମମତା ଯୋଜନା ଅନ୍ତର୍ଗତରେ ଗର୍ଭବତୀ ଏବଂ ପ୍ରସୂତିଙ୍କୁ ପୋଷଣଯୁକ୍ତ ଖାଦ୍ୟ ଏହି ଯୋଜନା ଅନ୍ତର୍ଗତରେ ଦିଆଯାଏ। ଗର୍ଭବତୀ ଏବଂ ପିଲାଙ୍କୁ ଅପପୁଷ୍ଟି ମୁକାବିଲା ଦିଗରେ ଅଙ୍ଗନବାଡି କେନ୍ଦ୍ରର ଭୂମିକା କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା କରୋନା କାଳରେ ସ୍ପଷ୍ଟ ଥିଲା। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ, ୨୦୧୪ ତୁଳନାରେ ୨୦୧୯-୨୧ ରିପୋର୍ଟ ରେ ୬ରୁ ୫୯ ମାସର ଶିଶୁ ରକ୍ତହୀନତା ୯ ପ୍ରତିଶତ, ୧୫ରୁ ୧୯ବର୍ଷୀୟା କିଶୋରୀ ରକ୍ତହୀନତା ୧୪ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଥିଲା। ମହାବୀର ବସ୍ତିରେ ଏତେସଂଖ୍ୟକ ପିଲା ଥାଇ ମଧ୍ୟ ସ୍ୱତନ୍ତ୍ର ଅଙ୍ଗନବାଡି କରା ନଯିବାରୁ ବସ୍ତିର ୬୦ ପିଲା ପ୍ରାକ୍-ଶିକ୍ଷାରୁ ବଞ୍ଚିତ ହେଉଥିବା ନେଇ ମହାବୀର ଉନ୍ନୟନ କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଏପରିକି ଟିକା, ପୋଷଣଯୁକ୍ତ ଖାଦ୍ୟ ମଧ୍ୟ ପାଉନାହାନ୍ତି।ପୂର୍ବରୁ ଏହି ଅଞ୍ଚଳର ଶିଶୁ ଏବଂ ଗର୍ଭବତୀମାନେ ଆଇସିଡିଏସ ଯୋଜନାରୁ ବାଦ୍ ପଡ଼ିଥିଲେ। ମାତ୍ର ବିଏମସି ନିର୍ବାଚନ ପରେ ଏହି ଅଞ୍ଚଳର ଅନ୍ୟ ଅଙ୍ଗନବାଡି କର୍ମୀଙ୍କ ଅନ୍ତର୍ଗତରେ ମମତା ଯୋଜନାରେ କିଛି ଗର୍ଭବତୀଙ୍କୁ ସାମିଲ କରାଯାଇଛି। କିନ୍ତୁ ସମସ୍ତେ ହୋଇନାହାନ୍ତି। ସବୁ ଶିଶୁ ନୁହେଁ କିନ୍ତୁ କିଛି ହାତଗଣତି ଶିଶୁ ନିକଟସ୍ଥ ଅଙ୍ଗନବାଡି କେନ୍ଦ୍ରରୁ ଖାଦ୍ୟ ପାଉଛନ୍ତି କିନ୍ତୁ ପ୍ରାକ ଶିକ୍ଷାରୁ ବଞ୍ଚିତ ଅଛନ୍ତି। ମହାବୀର ବସ୍ତି ରାଜଧାନୀର ଗରିବ ଅଞ୍ଚଳ। ଏଠାରେ ଅଧିକାଂଶ ପରିବାର ଶ୍ରମିକ ଏବଂ ପିଲାଙ୍କ ଅବସ୍ଥା ମଧ୍ୟ ଠିକ ନାହିଁ। ସରକାରଙ୍କ ପକ୍ଷରୁ ଏଠାରେ ଅଙ୍ଗନବାଡି କେନ୍ଦ୍ର ସ୍ଥାପନ ନିହାତି ଆବଶ୍ୟକତା ରହିଛି। ଖୋର୍ଧା ଡିଏସଡବ୍ଲୁଓଙ୍କୁ ଏ ସଂପର୍କରେ ପଚରାଯିବାରୁ ସେ ଏହା ଜାଣି ନଥିବା କହିଛନ୍ତି।

# ୫-ଟି ରୂପାନ୍ତର ସ୍କୁଲର ନିମ୍ନମାନର କାର୍ଯ୍ୟକୁ ନେଇ ବିଡିଓଙ୍କୁ ଦାବିପତ୍ର



କଟକ ସଦର, (ପିପିଏସ୍): ରାଜ୍ୟ ସରକାର ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତିକରଣ କରିବା ନିମନ୍ତେ ସରକାରୀ ଉଚ୍ଚ ବିଦ୍ୟାଳୟକୁ ୫-ଟି ସ୍କୁଲରେ ରୂପାନ୍ତରିତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କଟକ ସଦର ବ୍ଲକ୍‌ର ଆୟଉପୁର ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଆୟଉପୁରକୁ ୫-ଟି ବିଦ୍ୟାଳୟରେ ରୂପାନ୍ତରିତ କରାଯାଇଛି। ଏହି ବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ବିନା ଟେଣ୍ଡରରେ ଲକ୍ଷାଧିକ ଟଙ୍କାର କାର୍ଯ୍ୟ କରାଯିବା ସହ ପୁରୁଣା ଫଟା କାନ୍ଥରେ କେବଳ ଚୂନ ମାରି ନୂଆ କରିଥିବା ଦେଖିବାକୁ ମିଳିଛି। ଏହି ନିମ୍ନମାନର କାର୍ଯ୍ୟକୁ ବିଭାଗୀୟ ଅଧିକାରୀ ଓ ସ୍କୁଲ କର୍ତ୍ତୃପକ୍ଷ ସଠିକ୍ ଭାବରେ ତଦାରଖ କରି ନଥିବା ନେଇ ବଡ଼ ଧରଣର ଦୁର୍ନୀତି ଓ ଅନିୟମିତତା ହୋଇଥିବା କୁହାଯାଉଛି। ସରକାରୀ ବିଦ୍ୟାଳୟରେ ଉନ୍ନତିକରଣ ନାମରେ ନିମ୍ନମାନର କାର୍ଯ୍ୟ କରି ଅର୍ଥ ହରିଲୁଟ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ଦାବି ହୋଇଛି। ଏହି ନିମ୍ନମାନ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ଓ ନିର୍ମାଣ ହୋଇଥିବା କାନ୍ଥ ସାମଗ୍ରୀର ନମୁନାକୁ ପରୀକ୍ଷାଗାରରେ ପରୀକ୍ଷାଣ କରାଇ ଦୋଷୀଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଆଜି ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ସଦର ବ୍ଲକ୍ ବିଡିଓ ରାଜିବ ଲୋଚନ ପରିଡ଼ାଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରକୁ ମଧ୍ୟ କଟକ ଜିଲ୍ଲାପାଳ ଓ କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇଛି।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖରଗୋନ ଦୁର୍ଘଟଣାରେ ଦୁଃଖ ପ୍ରକାଶ କଲେ

ଭୁବନେଶ୍ୱର,(ହି.ସ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପ୍ରଦେଶର ଖରଗୋନ ଠାରେ ହୋଇଥିବା ସଡକ ଦୁର୍ଘଟଣା ମାମଲାରେ ଦୁଃଖ ପ୍ରକାଶ କରିଛନ୍ତି।

ସେ ଟ୍ୱିଟ କରି କହିଛନ୍ତି ଯେ ମଧ୍ୟ ପ୍ରଦେଶର ଖରଗୋନ ଠାରେ ଏକ ଯାତ୍ରୀ ବାହୀ ବସ ପୋଲରୁ ଖସି ଅନେକ ଲୋକଙ୍କର ଅସମୟରେ ଦେହାନ୍ତ ହେବାର ସୂଚନା ପାଇ ମୁଁ ଦୁଃଖିତ। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକ ମାନଙ୍କର ପରିବାର ପ୍ରତି ମୋର ସମବେଦନା ରହିଛି। ଏହି ଘଟଣାରେ ଆହତ ମାନଙ୍କୁ ଶୀଘ୍ର ସୁସ୍ଥ କରିବାକୁ ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି।

# ଓଡ଼ିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ :ପୃଥ୍ୱୀରାଜ ହରିଚନ୍ଦନ



ଭୁବନେଶ୍ୱର(ପିପିଏସ୍) : ପୁରୀରେ ଅନୁଷ୍ଠିତ ହେବାକୁ ଥିବା ବନ୍ଦେ ଭାରତ ଏକ୍ସପ୍ରେସର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏନେଇ ସୂଚନା ଦେଇଛନ୍ତି ବିଜେପି ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ।ସେ କହିଛନ୍ତି, ଯେହେତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିଟି ବନ୍ଦେ ଭାରତ ଏକ୍ସପ୍ରେସର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାର ଦେଖିବାକୁ ମିଳୁଛି ସେଦୃଷ୍ଟିରୁ ସେ ପୁରୀରେ ବି ବନ୍ଦେ ଭାରତ ଏକ୍ସପ୍ରେସର ଲୋକାର୍ପଣ କରିପାରନ୍ତି।ଏହା ବିଜେପି ଦଳୀୟ କର୍ମକର୍ତ୍ତାଙ୍କର ବି ଇଚ୍ଛା। ତାଛଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ ଓଡ଼ିଶାର ବିକାଶ ଦିଗରେ ଏକ ମାଇଲଖୁଣ୍ଟ। ଏନେଇ କେ?ଣସି ତାରିଖ ସ୍ଥିରୀକୃତ ହୋଇନାହିଁ। ତେବେ ରଥଯାତ୍ରା ପୂର୍ବରୁ ପୁରୀରେ ବନ୍ଦେ ଭାରତ ଏକ୍ସପ୍ରେସର ଲୋକାର୍ପଣ ହେବ। ଗତ ମାସ ୨୮ ତାରିଖରେ ପ୍ରଥମ ଥର ଲାଗି ହାଓ୍ୱଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଟ୍ରାଏଲ ଚଳାଚଳ ହୋଇଥିଲା। ହାଓ୍ୱଡ଼ା- ପୁରୀ ରୁଟରେ ବନ୍ଦେ ଭାରତ ଏକ୍ସପ୍ରେସର ଟ୍ରାଏଲ ରନ୍ ହୋଇଥିଲା। ସକାଳ ୬ଟା ୧୦ରେ ହାଓ୍ୱଡ଼ାରୁ ଏହି ଏକ୍ସପ୍ରେସର ଟ୍ରାଏଲ ରନ୍ ଆରମ୍ଭ ହୋଇଥିଲା। ଏହା ଖଡ଼ଗପୁର, ଭଦ୍ରକ, ଯାଜପୁର, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାରେ ୨ ମିନିଟ ଲେଖାଏଁ ରହିବା। ପୁରୀରେ ପହଞ୍ଚିଥିଲା ଏହି ଅତ୍ୟାଧୁନିକ ଟ୍ରେନ୍। ଅପରାହ୍ନ ୧୨ଟା ୩୫ରେ ପୁରୀରେ ପହଞ୍ଚି ପୁଣି ମଧ୍ୟାହ୍ନ ୧.୫୦ ମିନିଟରେ ପୁରୀ ଛାଡ଼ିଥିଲା ବନ୍ଦେ ଭାରତ ଏକ୍ସପ୍ରେସ୍। ଏହା ରାତି ୮ଟା ୩୦ରେ ହାଓ୍ୱଡ଼ା ପହଞ୍ଚିଥିଲା।

# ଝାରସୁଗୁଡ଼ାରେ ତାପମାତ୍ରା ସର୍ବାଧିକ ୩୯.୪ ଡ଼ିଗ୍ରୀ ରେକର୍ଡ଼

ଭୁବନେଶ୍ୱର, (ହି.ସ.): ସକାଳ ୮ଟା ୩୦ ସୁଦ୍ଧା ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୨.୬ ଡ଼ିଗ୍ରୀ ରହିଛି। ଏବଂ ଆଦ୍ରତା ୭୯ ପ୍ରତିଶତ ରହିଛି। ସେହିପରି ଦିନ ସାଢ଼େ ୧୧ଟା ସୁଦ୍ଧା ଝାରସୁଗୁଡ଼ାରେ ତାପମାତ୍ରା ସର୍ବାଧିକ ୩୯.୪ ଡ଼ିଗ୍ରୀ ଓ ଆଦ୍ରତା ୨୯ ପ୍ରତିଶତ ରହିଛି। ଚାନ୍ଦବାଲିରେ ତାପମାତ୍ରା ୩୮.୪ ଡ଼ିଗ୍ରୀ ରହିଥିବା ବେଳେ ଆଦ୍ରତା ୪୩ ପ୍ରତିଶତ ରହିଛି। ଅନୁରୂପ ଭାବେ ଭୁବନେଶ୍ୱରରେ ତାପମାତ୍ରା ୩୭.୪ ଡ଼ିଗ୍ରୀ ଓ ଆଦ୍ରତା ୫୮ ପ୍ରତିଶତ। ହୀରାକୁଦରେ ତାପମାତ୍ରା ୩୭.୪ ଡ଼ିଗ୍ରୀ ଓ ଆଦ୍ରତା ୪୭ ପ୍ରତିଶତ, ସମ୍ବଲପୁରରେ ତାପମାତ୍ରା ୩୭.୮ ଡ଼ିଗ୍ରୀ ଓ ଆଦ୍ରତା ୪୧ ପ୍ରତିଶତ, ବାଲେଶ୍ୱରରେ ତାପମାତ୍ରା ୩୭.୦ ଡ଼ିଗ୍ରୀ ଓ ଆଦ୍ରତା ୪୧ ପ୍ରତିଶତ। ପୁରୀରେ ତାପମାତ୍ରା ୩୪.୪ ଡ଼ିଗ୍ରୀ ଓ ଆଦ୍ରତା ୭୩ ପ୍ରତିଶତ। ଗୋପାଳପୁରରେ ତାପମାତ୍ରା ୩୩ .୬ ଡ଼ିଗ୍ରୀ ଓ ଆଦ୍ରତା ୭୨ ପ୍ରତିଶତ। କେନ୍ଦୁଝରରେ ତାପମାତ୍ରା ୩୨.୬ ଡ଼ିଗ୍ରୀ ଓ ଆଦ୍ରତା ୫୮ ପ୍ରତିଶତ ଏବଂ ପାରାଦ୍ୱୀପରେ ତାପମାତ୍ରା ୩୨.୪ ଡ଼ିଗ୍ରୀ ଓ ଆଦ୍ରତା ୭୩ ପ୍ରତିଶତ ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

# ଏନ୍‌ସିଏସ୍‌ସିଡିଏ ପକ୍ଷରୁ ନିଯୁକ୍ତି ମେଳା ୧୨ରେ

ଭୁବନେଶ୍ୱର, (ହି.ସ): ଆସନ୍ତା ୧୨ ତାରିଖରେ ସମସ୍ତ ଯୁବକ ଏବଂ ଯୁବତୀମାନଙ୍କ ପାଇଁ ଜାତୀୟ ଆଜୀବିକା ସେବା କେନ୍ଦ୍ର, (ଏନସିଏସସିଡ଼ିଏ)ଭୁବନେଶ୍ୱର, ତରଫରୁ ଏନସିଏସସିଡ଼ିଏ କ୍ୟାମ୍ପସ ପରିସରରେ ଏକ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ସେଥିରେ ଚଳନ ଶକ୍ତି ରହିତ ଭିନ୍ନକ୍ଷମ ମାନେ ମଧ୍ୟ ଭାଗ ନେଇ ପାରିବେ। ଏହି ମେଳାରେ ଉଭୟ ଭିନ୍ନକ୍ଷମ ଏବଂ ଅଣଭିନ୍ନକ୍ଷମ ଯୁବକ ଏବଂ ଯୁବତୀ ମାନେ ଭାଗ ନେଇ ପାରିବେ। ଏହି ନିଯୁକ୍ତି ମେଳାରେ ବିଭିନ୍ନ କ୍ଷେତ୍ରରେ ଯଥା:- କଷ୍ଟମର ସର୍ଭିସ ଆସୋସିଏଟ (ଦରମା : ୯୦୦୦-୧୨୦୦୦/-) ,ମେଟେରିଆଲ ଆସିଷ୍ଟାଂଟ (ଦରମା ୧୦୦୦୦ -୧୨୦୦୦/-) , କ୍ୟାସିୟର ,ଏଚ.ଆର ଏକ୍ଜିକ୍ୟୁଟିଭ୍, ଜୁନିୟର ଆକାଉଟାଂଟ, ଅଫିସ ବୟ, ହୋଟେଲ ଷ୍ଟିଓ୍ୱାର୍ଡ, ରିଲେସନସିପ ମ୍ୟାନେଜର(ଦରମା ୧୦୦୦୦-୧୨୦୦୦) ପ୍ରାୟ ୨୦୦ରୁ ଅଧିକ ପଦବୀ ନିଯୁକ୍ତି ପାଇଁ ୬ରୁ ଅଧିକ କମ୍ପାନୀ / ସଂସ୍ଥା ଯଥା ଫ୍ଲିପ କାର୍ଟ,ସ୍କାଇ ଅଟୋମୋବାଇଲସ, ମେଡ ପ୍ଲସ, ଗର୍ଗ ଲଜିଷ୍ଟିକ, ଅସ୍ମିତା ହୋଲିଡ଼େଜ ପ୍ରା.ଲି, ସାମସନ ଏଗ୍ରିପାଓ୍ୱାର ୟୁକ୍ୟୁମେଂଟ୍ସ ଅଂଶଗ୍ରହଣ କରୁଛନ୍ତି। ଦଶମଠୁ କମ ଶିକ୍ଷାଗତ , ଦଶମ ପାସ ଏବଂ ଦଶମଠାରୁ ଅଧିକ ଶିକ୍ଷାଗତ ଥିଲେ ଭାଗ ନେଇ ପାରିବେ। ଗ୍ରାଜୁଏସନ, ଏମ.ବି.ଏ, ପି.ଜି ଆଦି ପାସ ପିଲା ମଧ୍ୟ ଭାଗ ନେଇ ପାରିବେ। ସମସ୍ତ ଚାକିରି ଆଶାୟୀ ପ୍ରାର୍ଥୀ ନିଜର ଶିକ୍ଷାଗତ ପ୍ରମାଣପତ୍ରର ନକଲ , ଆଧାର କାର୍ଡ, ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍, ଭିନ୍ନକ୍ଷମ ପ୍ରମାଣପତ୍ର(ଯେଉଁ ମାନେ ଭିନ୍ନକ୍ଷମ) ଏବଂ ବାୟୋ ଡାଟା ଇତ୍ୟାଦି ଡକ୍ୟୁମେଂଟ୍ ସହିତ ଚାକିରି ମେଳାରେ ଯୋଗଦେବାକୁ କୁହାଯାଇଛି।

# ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଦାବିପତ୍ର

ଭୁବନେଶ୍ୱର(ପିପିଏସ୍): ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ତରଫରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପଦୋନ୍ନତି ଅସଙ୍ଗତି ତଥା ତୃଟି ସଂଶୋଧନ ପାଇଁ ଦାବୀପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପାଇଁ ରେସିଡେନ୍ସି ପିରିୟଡ ହ୍ରାସ କରି ପଦୋନ୍ନତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନେଉଥିବା ବେଳେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା ୧୦୬୮୬ ତା ୦୪.୦୫.୨୦୨୩ରିଖରେ ପଦୋନ୍ନତି ନେଇ ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି କରିଛି। ଏହି ପତ୍ରର କ୍ରମାଙ୍କ ୪ରେ ଥିବା ନିର୍ଦ୍ଦେଶ ଅନୁଯାୟୀ ୧୯୯୭ ମସିହା ଠାରୁ କାର୍ଯ୍ୟରତ ଶିକ୍ଷକଙ୍କୁ ସ୍ନାତକ ଶିକ୍ଷକ ପଦୋନ୍ନତି ପାଇବାକୁ ହେଲେ ଓଟିଇଟି-୨ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ଉତ୍ତୀର୍ଣ୍ଣ ଦିନଠାରୁ ନିଜର ବରିଷ୍ଠତା ବଜାୟ ରହିବ ବୋଲି ଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି କ୍ୟାଡ଼ର ନିୟମ-୨୦୧୯କୁ ବିରୁଦ୍ଧାଚରଣ କରୁଛି। ରାଜ୍ୟ ସଂଘ ଏହାର ଦୃଢ ପ୍ରତିବାଦ କରିବା ସହ ଏହାକୁ ଅବିଳମ୍ବେ ପ୍ରତ୍ୟାହାର ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି। ଏହି ଦାବୀ ପତ୍ର ପ୍ରଦାନ ସମୟରେ ରାଜ୍ୟ ସଂଘର ସଭାପତି ରାଜେଶ ମହାନ୍ତି, ସମ୍ପାଦକ ଖଗେନ୍ଦ୍ର ନାଥ ପାଲ, ମହାସଚିବ ବିକ୍ରମ କୁମାର ରଥ, ଶଙ୍କର୍ଷଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଓମ୍‌ଫେଡ୍‌ର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର,(ହି.ସ): ରାଜ୍ୟର କୃଷକମାନଙ୍କ ଆୟବୃଦ୍ଧି ଦିଗରେ ପ୍ରାଣୀପାଳନର ବିଶେଷ ଭୂମିକା ରହିଥିବାବେଳେ ରାଜ୍ୟ ସରକାର ଏଥି ନିମନ୍ତେ ଅନେକ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଗତ ୨୦ ବର୍ଷ ମଧ୍ୟରେ ରାଜ୍ୟ ଦୁଗ୍ଧ ଉତ୍ପାଦନ ବହୁଗୁଣ ବୃଦ୍ଧି ପାଇଛି। ୨୦୦୦ ମସିହାର ଦୁଟ ଉତ୍ପାଦନ ୮ ଲକ୍ଷ ୭୫ ହଜାର ମେଟ୍ରିକ୍ ଟନ୍‌ରୁ ୨୦୨୧ରେ ୨୩ ଲକ୍ଷ ୭୩ ହଜାର ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି। ରାଜ୍ୟରେ ଦୁଗ୍ଧ ଉତ୍ପାଦନରେ ଅଧିକ ବୃଦ୍ଧି ଘଟାଇ ମୁଣ୍ଡପିଛା ହାରାହାରି ଦୁଗ୍ଧ ଉପଲବ୍ଧତା ବଢ଼ାଇବା ଦିଗରେ ଓମ୍‌ଫେଡ୍ ଅଧିକ ତତ୍ପରତା ପ୍ରକାଶ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ବୈଠକରେ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ 'ଓମ୍‌ଫେଡ'ର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ଦୁଗ୍ଧଚାଷୀ ସଦସ୍ୟ ସଂଖ୍ୟା ବୃଦ୍ଧି କରି ଦୁଗ୍ଧ ଉତ୍ପାଦନରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ସହିତ ଜନସାଧାରଣଙ୍କ ନିମନ୍ତେ ପୁଷ୍ଟିକର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯୋଗାଣ ବୃଦ୍ଧି ଦିଗରେ ଓମ୍‌ଫେଡ୍ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁ। ସମବାୟ ସମିତି ଗଠନ ମାଧ୍ୟମରେ ଅଧିକରୁ ଅଧିକ ଦୁଗ୍ଧ ଚାଷୀଙ୍କୁ ଓମ୍‌ଫେଡ୍ ର ସଦସ୍ୟଭୁକ୍ତ କରିବା ସହିତ ସେମାନଙ୍କୁ ରୋଜଗାର ବୃଦ୍ଧି ଦିଗରେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ସେ କହିଥିଲେ। ଏଥି ସହିତ ଦୁଟ ପ୍ରକ୍ରିୟାକରଣ ପ୍ଲାଂଟ ନିମନ୍ତେ ଦୁଟଚାଷୀମାନଙ୍କଠାରୁ ଅଧିକ ଦୁଟ ସଂଗ୍ରହ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ କହିଥିଲେ। ରାଜ୍ୟ ସରକାରଙ୍କ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ମାଧ୍ୟମରେ ଗୋପାଳକମାନେ ବିଶେଷ ଭାବରେ ଉପକୃତ ହେଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ। ଚାଷୀମାନଙ୍କର କଲ୍ୟାଣ ଦିଗରେ ଓମ୍‌ଫେଡ୍ ର ପ୍ରତିବଦ୍ଧତା ରହିଥିବାବେଳେ ସେମାନଙ୍କର ଆର୍ଥିକ ବିକାଶ ଦିଗରେ ଓମ୍‌ଫେଡ୍ କୁ ଅଧିକ କ୍ରିୟାଶୀଳ ହେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ବୈଠକରେ ମିଲ୍କ ୟୁନିୟନ୍ ଗୁଡ଼ିକର ସଭାପତିମାନେ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ବିଭିନ୍ନ ପ୍ରସ୍ତାବ ଦେଇଥିବାବେଳେ ଓମ୍‌ଫେଡ୍ ପକ୍ଷରୁ ସେଗୁଡ଼ିକ ତର୍ଜମା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ଦୁଗ୍ଧ ଚାଷୀଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ରାଜ୍ୟର ଦୁଗ୍ଧ ସମବାୟ ସମିତିର କାର୍ଯ୍ୟଧାରାର ଏକ ତୁଳନାତ୍ମକ ବିଶ୍ଳେଷଣ କରି ଓଡ଼ିଶା ନିମନ୍ତେ ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓମ୍‌ଫେଡ୍ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଦ୍ୱାରା ଓମ୍‌ଫେଡ୍ ପକ୍ଷରୁ ପ୍ରକାଶିତ ପୁସ୍ତିକା 'ପ୍ରାଣୀପାଳନ ସହାୟିକା'ର ଶୁଭ ଉନ୍ମୋଚନ ହୋଇଥିଲା। ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଯେଦୁଲ୍ଲା ବିଜୟ, ଓମ୍‌ଫେଡ୍ ର ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ଓମ୍‌ଫେଡ୍ ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଚନ୍ଦ୍ର ସିହ୍ନାଙ୍କ ସମେତ ବରିଷ୍ଠ ବିଭାଗୀୟ ଅଧିକାରୀ, ମିଲ୍କ ୟୁନିୟନ୍ ର ସଭାପତି ଓ ସଦସ୍ୟସଦସ୍ୟମାନେ ଯୋଗଦେଇଥିଲେ।

# ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କନିଷ୍ଠ ଅଧ୍ୟାପକଙ୍କ ତାଲିମ ଶିବିର




ଭୁବନେଶ୍ୱର(ପିପିଏସ୍): :ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ଆୟୋଜିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ରାଜ୍ୟର ୧୯୩ ଜଣ କନିଷ୍ଠ ଅଧ୍ୟାପକଙ୍କ ପାଞ୍ଚଦିନିଆ ତାଲିମ ଶିବିର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ଦ୍ୱାରା ଆଜି ଉଦ୍‌ଘାଟିତ ହୋଇଯାଇଛି।ଓସେପାର ଷ୍ଟାରସକାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ତାଲିମର ମୂଳ ଉଦ୍ଦେଶ୍ୟ ହେଉଛି ଜାତୀୟ କୌଶଳ ଯୋଗ୍ୟତା ଆଧାରରେ ରାଜ୍ୟରେ ଥିବା ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକବିଦ୍ୟାଳୟଗୁଡିକରପୁନର୍ବିନ୍ୟାସ କରିବା। ଶିବିରକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ଦାଶ କହିଲେ ଯେ ଏହି ଯୁଗାନ୍ତକାରୀ ପ୍ରୟାସରେ କାର୍ଯ୍ୟରତ ଧନ୍ଦାମୂଳକ ଶିକ୍ଷକମାନଙ୍କର ପ୍ରମୁଖ ଭୂମିକା ରହିଛି।ସେମାନଙ୍କର ଦକ୍ଷତା ବିକାଶ ହେଲେ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିବ। ଜାତୀୟ ଶିକ୍ଷାନୀତିରେ ତଥା ରାଜ୍ୟ ସରକାର ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଯୁବ ଗୋଷ୍ଠୀଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରାଧାନ୍ୟ ଦେଉଛନ୍ତି। ଧନ୍ଦାମୂଳକ ଶିକ୍ଷକମାନେ ନିଜ ନିଜ ଅଞ୍ଚଳର ଚାହିଦା ଅନୁଯାୟୀ ଶିକ୍ଷାଦାନ ପାଇଁ ବିଷୟ ଚୟନ କରି ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ଶ୍ରୀ ଦାଶ ପରାମର୍ଶ ଦେଇଥିଲେ।କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଶାସନ ସଚିବ ଶ୍ରୀମତୀ ଅଶ୍ୱଥି ଏସ ସମ୍ପ୍ରତି ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଯୋଗଦେଇ ଧନ୍ଦାମୂଳକ ଶିକ୍ଷା ପୁନର୍ବିନ୍ୟାସ ଅନ୍ତର୍ଗତ ଯୋଜନା ବିଷୟରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର ଆୟାର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସଂଗେ ସଂଗେ ରାଜ୍ୟରେ ଧନ୍ଦାମୂଳକ ଶିକ୍ଷାର ପୃଷ୍ଠଭୂମି, ପ୍ରସ୍ତାବିତ ରୂପରେଖ ଓଭୋପାଳଠାରେ ଏନସିଇଆରଟିର ଏକ ଶାଖା ଭାବେ ଅବସ୍ଥିତ ପଣ୍ଡିତ ସୁନ୍ଦରଲାଲ ଶର୍ମା ଧନ୍ଦାମୂଳକ କେନ୍ଦ୍ରୀୟ ପ୍ରତିଷ୍ଠାନର ତାଲିମଦାତା ମାନଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଠାରେ ଆୟୋଜିତ ଏହି ପାଞ୍ଚଦିନିଆ ତାଲିମରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଅବଗତ କରାଇଥିଲେ। ଏହି ତାଲିମ ସମୟରେ ବିଭିନ୍ନ ପ୍ରସଙ୍ଗରେ ତାଲିମ ଦେବା ସହ ପ୍ରତ୍ୟହ ପ୍ରତ୍ୟୁଷରୁ ଯୋଗ ଶିକ୍ଷା, ଓ୍ୱାର୍ଲଡ ସ୍କିଲ ସେଣ୍ଟର, ସେଣ୍ଟ୍ରାଲ ଟୁଲ ରୁମ ଓ ତାଲିମ କେନ୍ଦ୍ର, ଚନ୍ଦକା ଆଦି କେତେକ କ୍ଷେତ୍ର ପରିଦର୍ଶନ କରି ପ୍ରତ୍ୟକ୍ଷ ଜ୍ଞାନକୌଶଳ ହାସଲ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ପ୍ରତି ରାଜ୍ୟରେ ଥିବା ଧନ୍ଦା ୨୩୧ ଗୋଟି ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ଛଅ ଗୋଟି ବିଷୟରେ ଯଥା କୃଷି, ସ୍ୱାସ୍ଥ୍ୟ ଓ ପାରାମେଡିକାଲ ସାଇନ୍ସ, ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି, ବ୍ୟବସାୟ ଓ ବାଣିଜ୍ୟ, ଗୃହ ବିଜ୍ଞାନ ଓ ହ୍ୟୁମାନୀଟିଜରେ ୧୯ଗୋଟି ଟ୍ରେଡରେ କଳା, ବାଣିଜ୍ୟ ଓ ବିଜ୍ଞାନ ଆଦିରେ ଧନ୍ଦାମୂଳକ ଶିକ୍ଷା ଦିଆଯାଉଛି। ଏହି ବିଷୟଗୁଡ଼ିକରେ ଉନ୍ନତ ଜ୍ଞାନ କୌଶଳ ଓ ନିଯୁକ୍ତି ସୁଯୋଗ ଉପରେ ଧାରଣା ଦିଆଯିବା ସଂଗେ ସଂଗେ ଯୁବପିଢ଼ି କିପରି ଆତ୍ମନିର୍ଭରଶୀଳ ହୋଇ ପାରିବେ ସେ ଦିଗରେ ଗୁରୁତ୍ୱ ଦିଆଯିବ। ଶେଷରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପ୍ରଫେସର ତିଲୋତ୍ତମା ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରଥିଲେ।

# ବିପର୍ଯ୍ୟସ୍ତ ବିଦ୍ୟୁତ୍ ବ୍ୟବସ୍ଥା

**କଟକ (ପିପିଏସ୍):** ବର୍ତ୍ତମାନ ସମୟରେ ବିଦ୍ୟୁତ ମାନବ ସଭ୍ୟତାର ସହ ସଂଶ୍ଳିଷ୍ଟ ହୋଇଯାଇଛି । ବିଦ୍ୟୁତ ବିନା ମାନବ ଜାତି ଇତସ୍ତତ ହୋଇ ପଡୁଥିବା ଦେଖିବାକୁ ମିଳୁଛି । ସାଧାରଣ ମଣିଷ ଦୈନନ୍ଦିନ ଜୀବନଠାରୁ ଆରମ୍ଭ କରି ଶିଳ୍ପପତିଙ୍କ ଶିଳ୍ପ ସବୁଠାରେ ବିଦ୍ୟୁତର ବ୍ୟବହାର ଅପରିହାର୍ଯ୍ୟ । ବିଦ୍ୟୁତ ମାନବ ସଭ୍ୟତାର ବିକାଶର ଏକ ପ୍ରମୁଖ ଭାଗ ମଣ୍ଡନ କରୁଥିବା ପରିଲକ୍ଷିତ ହେଉଛି । ଯେଉଁ ରାଜ୍ୟରେ ସରକାର ବିଦ୍ୟୁତ ଶକ୍ତିକୁ ଯେତେ ସୁବିନିଯୋଗ କରି ଉନ୍ନତ କରିଥାଏ ସେ ରାଜ୍ୟ ସେତେ ଉନ୍ନତ ହୋଇଥାଏ । ଓଡ଼ିଶା ବିଦ୍ୟୁତ ସଂସ୍କାର ଆଣିବାରେ ପ୍ରଥମ ରାଜ୍ୟ । ସେହି ଅନୁପାତରେ ବିଦ୍ୟୁତ ଉତ୍ପାଦନ ଓ ବିତରଣରେ ଶୃଙ୍ଖଳା ରହିବା ଆବଶ୍ୟକ । ମାତ୍ର ତାହା ପରିଲକ୍ଷିତ ହେଉନାହିଁ । କିଛି ବର୍ଷ ହେବ ଓଡ଼ିଶା ସରକାର ଓଡ଼ିଶା ବିଦ୍ୟୁତ ବଳକା ରାଜ୍ୟ ବୋଲି ବାରମ୍ବାର କହିହେଉଛନ୍ତି ଏବଂ ଓଡ଼ିଶା ବିଦ୍ୟୁତ ଅନ୍ୟ ରାଜ୍ୟକୁ ଯୋଗାଣ ହେଉଛି । ହେଲେହେଁ ଆଜିବି ରାଜ୍ୟର ବହୁ ସ୍ଥାନରେ ଅଘୋଷିତ ବିଦ୍ୟୁତ କାଟ୍ ଦେଖାଯାଉଛି । ଏହି ଅଘୋଷିତ ବିଦ୍ୟୁତ କାଟ୍‌ରେ ବହୁ ଲୋକେ ହନ୍ତସନ୍ତ ହେଉଛନ୍ତି । ବର୍ତ୍ତମାନ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେବା ସହ ରାଜ୍ୟର ତାପମାତ୍ରାର ଅଦ୍ଭୁତ ବୃଦ୍ଧି ଯୋଗୁଁ ଲୋକେ ଗରମ ସହିପାରୁନାହାନ୍ତି । ଗରମ ସହ୍ୟ କରିପାରୁନଥିଲାବେଳେ ଲୋ





ଭୋଲଟେଜ ଏବଂ ଅଘୋଷିତ ବିଦ୍ୟୁତ କାଟ୍ ଏକ ସମସ୍ୟା ହୋଇ ଠିଆ ହୋଇଛି । ଏଥିପ୍ରତି ସରକାର ଦୃଷ୍ଟିଦେବା ଆବଶ୍ୟକ । ମାତ୍ର ସରକାର ଏଥିପ୍ରତି ସେତେଟା ଦୃଷ୍ଟି ନ ରହୁଥିବା ପରିଲକ୍ଷିତ ହେଉଛି । ସେସୁଠାରୁ ବିଦ୍ୟୁତ ପରିଚାଳନା ଭାର ଟାଟା



ପାୱାରକୁ ଦେଇ ଉନ୍ନତ ବିଜୁଳି ରାଜ୍ୟରେ ଯୋଗାଇ ଦିଆଯିବ ବୋଲି ସରକାର କହିଥିଲେ । ପୁରୁଣା ଭିତ୍ତିଭୂମିର ପରିବର୍ତ୍ତନ କରି ନୂତନ ଭିତ୍ତିଭୂମି ଓ ଅତ୍ୟାଧୁନିକ ବିଦ୍ୟୁତ ସାମଗ୍ରୀ ମାଧ୍ୟମରେ ରାଜ୍ୟରେ ଉନ୍ନତ ବିଦ୍ୟୁତ ଯୋଗାଇ ଦିଆଯିବ ବୋଲି କମ୍ପାନୀ ସେ ସମୟରେ କରିଥିଲା ମାତ୍ର ଟାଟା ପାୱାର ବିଦ୍ୟୁତ ବିଭାଗ ହାତକୁ ନେଲାପରେ ରାଜ୍ୟରେ ବିଦ୍ୟୁତ ଗ୍ରାହକ ଓ ଶିଳ୍ପସଂସ୍ଥାର ଅବସ୍ଥା ସୁଧୁରିବା ବଦଳରେ ବିଗିଡ଼ିବାରେ ଲାଗିଛି । ଟାଟାପାୱାର ଅଧିନରେ ଥିବା ଗାଁ ଗହଳ ବିଦ୍ୟୁତ ଉପଭୋକ୍ତାଙ୍କ କଥା ଦୂରର କଥା ହେଉଥିବା ରାଜ୍ୟର ରାଜଧାନୀ ଭୁବନେଶ୍ୱର ଓ କଟକ ଉପଭୋକ୍ତା ବିଦ୍ୟୁତ କାଟ୍‌ରେ ଅତିଷ୍ଠ ହେଲେଣି । ଗୁଣବତ୍ତା ଯୁକ୍ତ ବିଦ୍ୟୁତ ଯୋଗାଣ ଲାଗି ଆବଶ୍ୟକ କର୍ମଚାରୀ ସଂକଟ ଏବେ ଦେଖାଯାଉଛି । ସେସୁ ନିୟନ୍ତ୍ରଣରେ ବିଦ୍ୟୁତ ବିଭାଗ ଥିଲାବେଳେ ଯେତେ କର୍ମଚାରୀ ଥିଲେ ଏବେ କମି କମି ଅଧା ହେଲେଣି ବୋଲି ଜଣେ ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ କହିଛନ୍ତି । ଯାହାଫଳରେ ବର୍ଷା ପବନ ଓ ଅନ୍ୟାନ୍ୟ କାରଣରୁ ଲାଇନ କଟିଗଲେ ତାକୁ ସଜାଡ଼ିବାକୁ ମାତ୍ରାଧିକ ସମୟ ଲାଗୁଛି । ଯେଉଁଠି ଲାଗି ଗ୍ରାହକ ନାହିଁ ନଥିବା ହଇରାଣ ହେଉଛି । ଟିପି ସେଣ୍ଟ୍ରଲ ଅଧିନରେ ୫ଟି ଡିଷ୍ଟ୍ରିବ୍ୟୁସନ ସର୍କଲ ୨୦ଟି ବିଭରଣ ଡିଭିଜନ ଅଫିସ ୨୭ଟି ସବଡିଭିଜନାଲ ଅଫିସ ଭୁବନେଶ୍ୱରରେ ୧ଟି ଏପିଡିପିଆର୍ ଅଫିସ, କଟକରେ ୧ଟି ଷ୍ଟୋର୍ ଡିଭିଜନ ଅଫିସ, ୫ଟି ଇ ଆଣ୍ଡଏମ୍ ଆର୍ ଡିଭିଜନ ଓ କଟକ, ଭୁବନେଶ୍ୱର, ପାରାଦ୍ୱୀପ, ଢେଙ୍କାନାଳ ଓ ଖୋର୍ଦ୍ଧାରେ ଅଭିଯୋଗ ଶୁଣାଣୀ କେନ୍ଦ୍ର ଲାଗି ଆବଶ୍ୟକ କର୍ମଚାରୀ ନାହାନ୍ତି । ଲାଇନ ମ୍ୟାନ ଠାରୁ ଆରମ୍ଭ କରି ମିଟର ରିଡିଂ ପର୍ଯ୍ୟନ୍ତ ଠିକା କର୍ମଚାରୀଙ୍କ

ହାତରେ ବିଦ୍ୟୁତ ବଣ୍ଟନ ବ୍ୟବସ୍ଥା ସେସୁଠାରୁ ଟାଟାପାୱାର ନେବାପରେ ଅବସ୍ଥାରେ ସେଭଳି କୌଣସି ସୁଧାର ଆସିପାରୁନାହିଁ କେବଳ ବିଲ୍ ପ୍ରଦାନ, ବିଲ୍ ବାବଦ, ଅର୍ଥ ଆଦାୟ ଉପରେ ଯେତେ ମାତ୍ରାରେ ଗୁରୁତ୍ୱ ଦିଆଯାଉଛି ଅନୁରୂପ ତତ୍ପରତା ବିଦ୍ୟୁତ ଯୋଗାଣ କ୍ଷେତ୍ରରେ କର୍ତ୍ତୃପକ୍ଷ ଦେଖାଉନାହାନ୍ତି । କର୍ମଚାରୀ ସଂକଟ ଯୋଗୁଁ କଟକ, ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଲାଇନ କଟିଲେ ମଧ୍ୟ ତାହାର ତୁରନ୍ତ ସମାଧାନ କରାଯାଉନାହିଁ। ଗୋଟିଏ ସ୍ଥାନରେ ୨ଟି ୩ହଜାର ଗ୍ରାହକଙ୍କୁ ସେବା ଯୋଗାଇବା ପାଇଁ ମାତ୍ର ୫ ରୁ ୬ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଠିକାରେ । ଟାଟା କର୍ତ୍ତୃପକ୍ଷ ଇତି ମଧ୍ୟରେ ଗ୍ରାହକମାନେ କିପରି ଅନଲାଇନରେ ଅର୍ଥ ପୈଠ କରିବେ ସେଥିପାଇଁ ପୁରସ୍କାର ରାଶି ଘୋଷଣା କରିଛନ୍ତି । ୨ ହଜାରରୁ ୧୦ ହଜାର ପର୍ଯ୍ୟନ୍ତ ପୁରସ୍କାର ରାଶି ଅଛି । ଅନଲାଇନରେ ଅର୍ଥ ପୈଠ ବ୍ୟବସ୍ଥାକୁ ସରଳ କରାଯାଇଛି । କିନ୍ତୁ ରାଜ୍ୟ ତମାମ୍ ୨୪ ଘଣ୍ଟା ଉନ୍ନତ ବିଦ୍ୟୁତ ଯୋଗାଣ ପାଇଁ ଭିତ୍ତିଭୂମି ସୁଦୃଢ଼ ହୋଇନାହିଁ । ବାରମ୍ବାର ଲାଇନ କାଟ୍ ହେଉଛି । ତାହା ଏବେ ଚିନ୍ତାର ବିଷୟ । କଟକରେ ୫୨ ହଜାର ୫୩ ଗଳି । ବହୁ ପୁରାତନ ସହର । ଏକଦା ଏହା ରାଜ୍ୟର ରାଜଧାନୀ ଥିଲା । ବର୍ତ୍ତମାନ କଟକ ସହରରେ ଅଘୋଷିତ ବିଦ୍ୟୁତ କାଟ୍ କଟକିଆଙ୍କର ଚିନ୍ତା ବଢ଼ାଇଛି । ଦିନବେଳା ହେଉ ବା ରାତିବେଳା ହେଉ ବିଦ୍ୟୁତ କାଟ୍ ଯୋଗୁଁ ଲୋକେ ନିଜ ନିଜ ଘରେ ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି । ସହରର ବିଭିନ୍ନ ଘରେ ଓ ଅନୁଷ୍ଠାନମାନଙ୍କରେ ଏସି ଲାଗୁଥିବାରୁ ଓଭର ଲୋଡ଼ିଂ ମଧ୍ୟ ଏକ ପସନ୍ଦ ହୋଇ ଠିଆ ହୋଇଛି । ଏଥିପ୍ରତି ବିଦ୍ୟୁତ ବିଭାଗର କୌଣସି ପଦକ୍ଷେପ ସଚେତନତା କରୁଥିବା ଦେଖାଯାଉନାହିଁ । ସହରର ବାଲୁବଜାର, ମହମ୍ମଦିଆବଜାର, ଚାନ୍ଦିନଚୌକ, ହାଇକୋର୍ଟ, ବିହାରୀବାଗ, ସିଡ଼ିଏ, କାଜିବଜାର ଆଦି ବହୁ ସ୍ଥାନରେ ଅସଂଯତ ଅବସ୍ଥାରେ ବିପଦ ସଂକୁଳ ଭାବେ ଇଲେକ୍ଟ୍ରି ଖୁଣ୍ଟରେ ବିଦ୍ୟୁତ ତାରଗୁଡ଼ିକ ଝୁଲି ରହୁଛି । ଯାହାଫଳରେ କେତେକ ସ୍ଥାନରେ ବିଦ୍ୟୁତ ତାର ସର୍ଟ ସର୍କିଟ ହୋଇ ତାର ପୋଡ଼ିଯିବା ସହ ବହୁ ସମୟ ଧରି ଲାଇନ କଟି ରହୁଛି । ସହରର ବହୁସ୍ଥାନରେ ଟ୍ରାନ୍ସଫର୍ମରରୁ ବିଭିନ୍ନ ଅନୁଷ୍ଠାନ ଘରମାନଙ୍କୁ ନିମ୍ନମାନର କେବୁଲ ଲାଇଟ ଦିଆଯାଉଥିବାରୁ ବହୁ ସମୟ ଧରି କେବୁଲ ଗୁଡ଼ିକ ତାତି ହୋଇ ପୋଡ଼ି ଯିବାର ଅଭିଯୋଗ ବାରମ୍ବାର କରାଯାଉଥିଲେ ମଧ୍ୟ ଟାଟା ପାୱାର ଏଥିପ୍ରତି ଦୃଷ୍ଟି ଦେଉନାହିଁ । ବହୁ ସ୍ଥାନରେ ୧୧ କେଭି ତାର ଓ କେତେକ ସ୍ଥାନରେ ଟ୍ରାନ୍ସଫର୍ମର ପାଖ ତାର ଓ ବହୁ ସ୍ଥାନରେ ଖୁଣ୍ଟି ପାଖରେ ତାର ସ୍ପାର୍କ ହୋଇ ସେଠାରେ ତାର ପୋଡ଼ି ଯାଉଛି । ନିମ୍ନ ମାନର ତାର ଓ ବିଦ୍ୟୁତ ବିଭାଗର ସଠିକ ଜଏଣ୍ଟ ନ ହେବାରୁ ଏହି ତାର ସବୁ ଜଳି ସର୍ଟ ସର୍କିଟ ହେବା ସହ ବିଦ୍ୟୁତ ଲାଇନ କଟ୍ ହେଉଛି । ଆଜିବି ସହରର ବହୁ ସ୍ଥାନରେ ଟ୍ରାନ୍ସଫର୍ମର ପୁଙ୍ଗୁଳା ଅବସ୍ଥାରେ ପଡ଼ିଅଛି।





ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାଚେରୀ ନାହିଁ ଯଦି କେବେବି ଏହା ସଂସ୍ପର୍ଶରେ ଯିବ ବା ମଣିଷ ଆସେ ତେବେ ଦୁର୍ଘଟଣାକୁ ଏଡ଼େଇ ହେବନାହିଁ । ରାଜ୍ୟରେ ଅଘୋଷିତ ବିଦ୍ୟୁତ କାଟ୍ ବାରମ୍ବାର ଅଭିଯୋଗ ଆସିବା ପରେ ରାଜ୍ୟର ଶକ୍ତିମନ୍ତ୍ରୀ ପ୍ରତାପ ଦେବ୍ କହିଲେ ରାଜ୍ୟରେ ପାୱାର କଟ୍ ହେଉନାହିଁ । ମାତ୍ର ମନ୍ତ୍ରୀଙ୍କ ବିବୃତି ପରେ ଏହା ସମାଲୋଚିତ ହେବାପରେ ମନ୍ତ୍ରୀ ଶ୍ରୀ ଦେବ୍ ନିଜର ବିବୃତିକୁ ବଦଳାଇଥିଲେ ଓ କହିଲେ ରାଜ୍ୟରେ ଓଭର ଲୋଡ଼ିଂ ଯୋଗୁଁ ପାୱାର ଲାଇନ ଟ୍ରିପ୍ କରୁଛି । ରାଜ୍ୟରେ ବିଦ୍ୟୁତ ଅଭାବ ନାହିଁ ଗୋଟିଏ ସ୍ଥାନରୁ ଲାଇନ ଟ୍ରିପ ହେଲେ ତାହାକୁ ମରାମତି କରି ସଂଯୋଗ କରିବାକୁ ୪ ରୁ ୫ ଘଣ୍ଟା ସମୟ ଲାଗୁଛି । ଆମେ କିପରି ଉନ୍ନତ ବିଦ୍ୟୁତ ଯୋଗାଇଦେବୁ ସେଥିପ୍ରତି ଯତ୍ନବାନ। ଟାଟାପାୱାର ଅଘୋଷିତ ବିଦ୍ୟୁତ କାଟ୍ ଲୋକଙ୍କୁ ହନ୍ତସନ୍ତ କରୁଥିବାବେଳେ ମନ୍ତ୍ରୀଙ୍କ ବିବୃତି ହାସ୍ୟାସ୍ପଦ ବୋଲି ବହୁଲୋକେ କହୁଛନ୍ତି । ନିକଟରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଭାଷଣ ଦେଉଥିବାବେଳେ ୯ ମିନିଟ୍ ଲାଇନ କାଟିବା ଟାଟପାୱାରର ପାରିବା ପଣିଆକୁ ଦର୍ଶାଉଛି । ରାଷ୍ଟ୍ରପତି ଅଭିଭାଷଣରେ ବିଦ୍ୟୁତ କାଟ୍ ହେବା ଯୋଗୁଁ ରାଜ୍ୟର ଛବି ଦେଶର ବିଭିନ୍ନ ପ୍ରାନ୍ତରରେ ମଳିନ ପଡ଼ିଛି । ଏତେବଡ଼ ଘଟଣାରେ ମୁଖ୍ୟମନ୍ତ୍ରୀ କ୍ଷମା ପ୍ରାର୍ଥନା ନ କରିବା ନିନ୍ଦନୀୟ ବୋଲି ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି । ରାଜ୍ୟରେ ଅଘୋଷିତ ବିଦ୍ୟୁତ କାଟ୍ ଓ ଲୋ ଭୋଲଟେଜ ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିବାବେଳେ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ନ ଦେବା ବାସ୍ତବରେ ଚିନ୍ତାର ବିଷୟ। ଏ ସଂପର୍କରେ କଟକ ବିଦ୍ୟୁତ ବିଭାଗର ଏକଜ୍ୟୁଟିଭ୍ ଇଞ୍ଜିନିୟର ପଚାରିବାରୁ ସେ କହିଲେ ଆମ ଲାଇନ ସବୁଠାରେ ସଠିକ ଭାବରେ ବିଦ୍ୟୁତ ଖୁଣ୍ଟି ହୋଇ ବିଦ୍ୟୁତ ତାର ମାଧ୍ୟମରେ ଯୋଗାଣ ହୋଇଛି । ସିଡ଼ି ୧,୨,୩ ଜୋନର ସମସ୍ତ ଇଲେକ୍ଟ୍ରି ସଠିକ ରୂପେ ଯୋଗେଇ ଯାଇଛି । ଯେଉଁଠି ବିଦ୍ୟୁତ ସମସ୍ୟା ଦେଖାଯାଉଛି । ଅଭିଯୋଗ ଆସିଲେ ସେଠାରେ ଆମ ଟିମ୍ ପହଞ୍ଚି ସମସ୍ୟାର ସମାଧାନ କରୁଛି କିପରି ଉନ୍ନତ ବିଦ୍ୟୁତ ଯୋଗାଣ କରାଯାଇପାରିବ ସେଥିପାଇଁ ଆମେ ଚେଷ୍ଟା କରୁଛୁ ।







ପ୍ରତାପ ଚନ୍ଦ୍ର ଆଇଚ୍

ସମାଜସେବୀ, ଚାନ୍ଦିନୀଚୌକ ଅଞ୍ଚଳର ବାସିନ୍ଦା

ମୋ ଘର ଚାନ୍ଦିନୀଚୌକ ଆମ ଅଞ୍ଚଳରେ ପ୍ରତ୍ୟେକ ଦିନ ବହୁ ସମୟ ରେ ବାରମ୍ବାର ବିଜୁଳି କଟୁଛି ।ବିଜୁଳି ଅଫିସ କୁ ଫୋନ କଲେ କିଏ ଶୁଣୁନାହାନ୍ତି ଫୋନ ଉଠାଇ ହଁ ଠିକ ହେବ କହି ଫୋନ କାଟି ଦେଉଛନ୍ତି ।ନିମ୍ନ ମାନର ଇଲେଟ୍ରି ତାର ରେ ବିଜୁଳି ଯୋଗାଉ ଛନ୍ତି ଟାଟା କମ୍ପାନୀ। ଯାହା ଫଳରେ ବାରମ୍ବାର ଲାଇନ ଟ୍ରିପ ହେଉଛି। ମଙ୍ଗଳବାର ଆମେ ଏତେ ହଇରାଣ ହୋଇଛୁ ତାହା ନକହିବା ଭଲ ।ଆମ ଅଞ୍ଚଳରେ ଗତ କାଲି (ମଙ୍ଗଳବାର) ବାରମ୍ବାର ଖରାବେଳେ ଲାଇନ କଟିଲା ।ଆମ ଅଞ୍ଚଳର ଏକ ଅନୁଷ୍ଠାନ ରେ ଥିବା ଟ୍ରାନ୍ସଫର୍ମର ଯେଉଁଠୁ ଆମମାନଙ୍କ ଘରକୁ ବିଜୁଳି ଆସିଛି ସେହି ଟ୍ରାନ୍ସଫର୍ମର ପୋଡି ଯାଇଛି ବୋଲି ଜାଣିଲୁ। ତାହାପରେ ନୂଆ ଟ୍ରାନ୍ସଫର୍ମର ଆସି ଲାଗିଲା ସନ୍ଧ୍ୟା ୯ଟା ରୁ ୯.୩୦ଭିତରେ ଲାଇନ ଆସିଲା ।ସେହି ଟ୍ରାନ୍ସଫର୍ମର ଚାର୍ଜ ହୋଇ ବିଜୁଳି ଯୋଗାଣ ହେଲା ।ତାହା ପରେ ପୁନଃ ରାତି ୧୧.୩୦ ରେ ପୁନଃ ଲାଇନ କଟ ହେଲା ।ଅସହ୍ୟ ଗୁଳୁଗୁଳି ରେ ଆମେ ମାନେ ଘରେ ହନ୍ତ ସନ୍ତ ହେଉଥିଲୁ ଦିନ ତମାମ।୧୧.୩୦ରେ ବିଜୁଳି ଗଲା ପରେ ଆମେ କିଛି ଲୋକ ଟ୍ରାନ୍ସଫର୍ମର ପାଖରେ କାର୍ଯ୍ୟ କରୁଥିବା ବିଜୁଳି କର୍ମଚାରୀ ଙ୍କୁ ପଚାରିଲୁ ଏମିତି କାହିଁକି ବିଜୁଳି କାଟୁଛ ଆମେ ଓ ଆମ ପିଲା ମାନେ ଗରମ ରେ ହନ୍ତସନ୍ତ ହେଉଛୁ ।ସେମନେ କହିଲେ ବେସ୍ତ ହୁଅନି ଲାଇନ ଆସିବ ତାହା ପରେ ଆଖ ପାଖ ସ୍ଥାନରୁ ଯାଇଥିବା ଅନ୍ୟ ଭାଇ ମାନେ ବିଜୁଳି ବିଭାଗ କର୍ମଚାରୀ ସହ ବଚସା କରି କାହିଁକି ଏମିତି ବିଜୁଳି କାଟୁଛ କହିଲେ ଓ ବିଜୁଳି ବିଭାଗ ର କନିଷ୍ଠ ଯନ୍ତ୍ରୀ ଓ ଏସଟିଓ ଙ୍କୁ ଡାକ ବୋଲି କହି ଜିଦ ଧରି ବସିଲେ ଓ ବିଜୁଳି ମରାମତି କାମ କରେଇ ଦେଲେନି ପରିସ୍ଥିତି ଗମ୍ଭୀର ହେଲା ପରେ ଲାଲବାଗ ଥାନାର ପୋଲିସ ଆସି ଘଟଣା ସ୍ଥଳରେ ବୁଝା ବୁଝି କରେଇଲା ପରେ ରାତି ୩ଟା ରେ ବିଜୁଳି ଆସିଲା ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣକଥା ଯେଉଁ କେବୁଲ ଟ୍ରାନ୍ସଫର୍ମର ସହ ସଂଯୋଗ ହୋଇ ବିଜୁଳି ଯୋଗାଣ ଦେଉଛି ତାହା ଅତୀତ ରେ ୬ରୁ ୭ଥର ବିଜୁଳି ସ୍ପାର୍କ ହୋଇଥିଲା ଓ ବିଜୁଳି କଟ ହୋଇଥିଲା। ତାକୁ ନବଦଳାଇ ପୁନଃ ସେଇ କେବୁଲରେ ବିଜୁଳି ଯୋଗାଇବା କେତେ ଦୂର ଦୀର୍ଘସ୍ଥାୟୀ ହେବ ତାକୁ ନେଇ ଏବେ ପ୍ରଶ୍ନ ଆମ ବିଜୁଳି ଗ୍ରାହକ ଙ୍କ ମନରେ। ଟାଟା କମ୍ପାନୀ ଏହି ତାର କୁ ବଦଳାଇ ନୂତନ କେବୁଲ ରେ ଟ୍ରାନ୍ସଫର୍ମର ରୁ ବିଜୁଳି ଯୋଗାଇବା ପାଇଁ ଅନୁରୋଧ କରିବା ସହ ଆମ ଅଞ୍ଚଳରେ ଏତେଟା ବିଜୁଳି କାଟ ନକରିବା ପାଇଁ ଅନୁରୋଧ କରୁଛୁ।



ସୁବାସ ପୃଷ୍ଟି

ଛାତ୍ର

ମୋ ଘର ବାଲୁ ବଜାର ଆମ ଏଠାରେ ଦିନ ଓ ରାତି ରେ ବହୁ ସମୟ ଲାଇନ କଟୁଛି ।ରାଜ୍ୟ ସରକାର ଙ୍କ ଶକ୍ତି ମନ୍ତ୍ରୀ କହିଥିଲେ ବିଜୁଳି କଟ କେବନି ମାତ୍ର ମନ୍ତ୍ରୀ ଙ୍କ କଥାକୁ ଫୁ କରି ଟାଟା କମ୍ପାନୀ ନିଜ ଫାଇଦା ପାଇଁ ବିଜୁଳି କାଟୁଛି ।କମ୍ପାନୀ ଉପରେ ସରକାର ଙ୍କ ଅଭୟ ବର ଅଛି ସେ କାହାକୁ ମାନୁନି ।ବହୁ ସମୟ ରେ ମିସିନ ଦ୍ୱାରା ଘର ମିଟର ଉଚ୍ଚ ବିଜୁଳି ରିଡିଙ୍ଗ କରି ବିଲ ଆଦାୟ କରୁଛି ତ କେତେବେଳେ ଗ୍ରାହକ ଙ୍କୁ କଟୁ କଥା କହୁଛି ।ନିକଟରେ ରାଷ୍ଟ୍ରପତି ଙ୍କ ଅଭିଭାଷଣ ସମୟ ରେ ୯ମିନିଟ ବିଜୁଳି କାଟ କରିବା ଏକ ଛୋଟ ଘଟଣା ନୁହେଁ ।ଏଥିପାଇଁ କମ୍ପାନୀ କ୍ଷମା ମାଗିନି କି ରାଜ୍ୟ ସରକାର ।ଏଥିରୁ ଜଣା ପଡୁଛି କମ୍ପାନୀ ପଛରେ ରାଜ୍ୟ ସରକାର ଙ୍କ ପୂର୍ଣ୍ଣ ହାତ ଅଛି।

# ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୧୩ ଲକ୍ଷ ଠକେଇ



**ଭୁବନେଶ୍ୱର (ପିପିଏସ୍):** ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ସାଇବର୍ ଠକମାନେ ଜଣେ ଡାକ୍ତରୀ ଛାତ୍ରଙ୍କଠାରୁ ୧୩ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଥିବା ଛାତ୍ରଙ୍କ ଘର ପୁରୁଣା ଭୁବନେଶ୍ୱରରେ ହୋଇଥିବା ବେଳେ ସେ କଟକ ଏସ୍‌ସିବି ମେଡିକାଲ କଲେଜରେ ପାଠ ପଢୁଛନ୍ତି। ସୂଚନା ଅନୁସାରେ ଛାତ୍ର ଜଣଙ୍କ ମୋବାଇଲ୍ ଫୋନ୍‌କୁ ଏକ ମେସେଜ ଆସିଥିଲା। ଯେଉଁଥିରେ ଅନ୍‌ଲାଇନ୍ ଟ୍ରେଡିଂ କରି ଲକ୍ଷାଧିକ ଟଙ୍କା ରୋଜଗାର କରିବାକୁ କୁହାଯାଇଥିଲା। ଏହି ମେସେଜ ଦେଖି ଲୋଭରେ ପଡିଯାଇଥିଲେ ଡାକ୍ତର ଛାତ୍ର। ସାଇବର ଠକ କହିବା ଅନୁସାରେ ତାଙ୍କ ମୋବାଇଲ୍‌ରେ ସେ ଏକ ଆପ୍ ଇନ୍‌ଷ୍ଟଲ କରିବା ପରେ ବ୍ୟାଙ୍କ୍ ଆକାଉଣ୍ଟ ନମ୍ବର ଦେଇ ରେଜିଷ୍ଟ୍ରେସନ କରିଥିଲେ। ପରେ ଏହି ଆପ୍ ମାଧ୍ୟମରେ ପ୍ରଥମେ ୧୦ ହଜାର ଟଙ୍କା ଲଗାଇଥିଲେ। ସାଇବର ଠକ ତାଙ୍କ ବିଶ୍ୱାସ ଜମାଇବା ପାଇଁ ଲାଭ ଅଂଶ ଦେଇଥିଲେ। ପରେ ଲାଭ ଟଙ୍କା ପାଇବା ପରେ ଲୋଭରେ ପଡ଼ି ଡାକ୍ତରୀ ଛାତ୍ର ଜଣଙ୍କ ପୁଣି ୫୦ ହଜାର ଟଙ୍କା ଲଗାଇଥିଲେ। ସେଥିରୁ ପୁଣି କିଛି ଲାଭ ପାଇବା ପରେ ସାଇବର ଠକ ତାଙ୍କୁ ଅଧିକ ଟଙ୍କା ଲଗାଇବା ପାଇଁ କହିଥିଲେ। ଏହିଭଳି ଛାତ୍ର ଜଣଙ୍କ ଟଙ୍କା ଲଗାଇ ୧୩ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ସାଇବର ଠକ ଟଙ୍କା ଦେବେ କ'ଣ ଉକ୍ତ ଆପ୍‌କୁ ବନ୍ଦ କରି ଦେଇଥିଲେ। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଟଙ୍କା ଯାଇଥିବା ଆକାଉଣ୍ଟକୁ ଫ୍ରିଜ୍ କରିଛି।

# ୨୦୦ ଦୋକାନ ଘର ଉଚ୍ଛେଦ



**ଭୁବନେଶ୍ୱର (ପିପିଏସ୍):** କଳିଙ୍ଗ ଷ୍ଟୁଡିଓ ଛକରୁ ଶ୍ୟାମପୁର ଗାଁ ପର୍ଯ୍ୟନ୍ତ ବଡ଼ ଧରଣର ଜବରଦଖଲ ଉଚ୍ଛେଦ ହୋଇଛି। ଏଥିରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଦୋକାନ ମାଟିରେ ମିଶିଛି। ଏହି ରାସ୍ତା ସମ୍ପ୍ରସାରଣ ପାଇଁ ଦୋକାନ ସମସ୍ୟା ସୃଷ୍ଟି କରୁଥିଲା। ଯାହାକୁ ମଙ୍ଗଳବାର ବିଡିଏ ଏନଫୋର୍ସମେଣ୍ଟ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏଥିରେ ୭୩ଟି ଆଜବେଷ୍ଟସ୍ ନିର୍ମିତ ଦୋକାନ, ୭୧ଟି ବାଉଁଶ ନିର୍ମିତ ଦୋକାନ, ୧୧ଟି ଫଳ ଦୋକାନ, ୨୩ଟି ଫଳ ଦୋକାନ, ୧୮ଟି ଫାଷ୍ଟଫୁଡ ଦୋକାନ, ୨୧ଟି ମାଛ, ମାଂସ ଓ ଚିକେନ୍ ଦୋକାନ, ୧୯ଟି ସମ୍ପ୍ରସାରଣ ଅଂଶ, ୨୩ଟି କ୍ୟାବିନ୍ ଏବଂ ଗୋଟିଏ ନର୍ସରୀ ଭଙ୍ଗାଯାଇଛି। ଏହାଛଡା ଶ୍ୟାମପୁର ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ୍ ନମ୍ବର-୫୪ରେ ହୋଇଥିବା ୨ଟି ବେଆଇନ ଦୋକାନକୁ ହଟାଇ ଦିଆଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ୧ ପ୍ଲାଟୁନ୍ ରିଜର୍ଭ ପୁଲିସ ଫୋର୍ସ ଓ ଗୋଟିଏ ସେକ୍ସନ୍ ମହିଳା ପୁଲିସ ମୂତୟନ କରାଯାଇଥିଲା। ଉଚ୍ଛେଦ ବେଳେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଶ୍ୱେତ କୁମାର ଦାଶ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏର ସହକାରୀ ନିର୍ଦ୍ଦେଶକ ଅମିୟ କୁମାର ଦାସ, ଭରତପୁର ଥାନା ଆଇଆଇସି ବିଭୁଦତ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉଚ୍ଛେଦ ପାଇଁ ଆର ଆଣ୍ଡ ବି ଡିଭିଜନ-୫ର ଅଧୀକ୍ଷଣ ଯନ୍ତ୍ରୀ ବିଡିଏକୁ ଚିଠି କରିଥିଲେ।

# ଚିତ୍ରଶିଳ୍ପୀ ଦୀନନାଥ ପାଠୀଙ୍କ ଜୟନ୍ତୀ ପାଳିତ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ କେନ୍ଦ୍ର ଲଳିତକଳା ଏକାଡେମୀର ପୂର୍ବତନ ସଭାପତି ବିଭୂତି କାନୁନ୍‌ଗୋ ଚାରୁ ଓ ଚାରୁକଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଦୀନନାଥ ପାଠୀଙ୍କ ୮୧ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବିଭୂତି କାନୁନଗୋ ଚାରୁ ଓ ଚାରୁକଳା ମହାବିଦ୍ୟାଳୟ ଆନୁକୂଲ୍ୟରେ ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜୁ ଜନତା ଦଳ ସାଂସ୍କୃତିକ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ରାମହରି ଜେନା, ରାଜକୁମାର ସୁବୁଦ୍ଧି, ଖଲ୍ଲିକୋଟ ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ ମଲ୍ଲିକ, ମୀନକେତନ ପାଢ଼ୀ, ଗିରିଜା ଶଙ୍କର ମହାପାତ୍ର, ପ୍ରଦୀପ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଆଭାସି ମାଧ୍ୟମରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱର୍ଗତ ଡ. ପାଠୀଙ୍କ ସ୍ମୃତିଚାରଣ କରିଥିଲେ। କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଚୌଧୁରୀ ଆଶିଷ ଶରଣ ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ରାଉତରାଏ ନିଜ ବକ୍ତବ୍ୟରେ ବିଭୂତି କାନୁନ୍‌ଗୋ ଚାରୁକଳା ମହାବିଦ୍ୟାଳୟ ସହିତ ରାଜ୍ୟର ସମସ୍ତ ଚାରୁକଳା ମହାବିଦ୍ୟାଳୟର ଶିକ୍ଷା ଭିତ୍ତିଭୂମି ଉନ୍ନୟନ କରିବା ସହିତ ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ଭବିଷ୍ୟତରେ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁଯୋଗ ପାଇଁ ଅଧ୍ୟାପକ ମଣ୍ଡଳୀ ଦୃଷ୍ଟି ଦେବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାର୍ଥୀମାନେ ଡ. ପାଠୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମର୍ପିତ ଭାବରେ ଶିକ୍ଷାଲାଭ କରି ନିଜକୁ ଭବିଷ୍ୟତରେ ଜଣେ ସଫଳ ଚିତ୍ରଶିଳ୍ପୀ ଓ ଭାସ୍କର୍ଯ୍ୟ ଶିଳ୍ପୀ ଭାବରେ ପରିଣତ କରି ରାଜ୍ୟର ମର୍ଯ୍ୟାଦା ବୃଦ୍ଧି ପାଇଁ ଉଦ୍ୟମ କରିବେ ବୋଲି ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ବିଧାୟକ ପ୍ରଫୁଲ୍ଲ ସାମଲ, ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଜୟନ୍ତ କୁମାର ଦାସ, ରାମହରି ଜେନା, ସୁବ୍ରତ ମଲ୍ଲିକ, ପ୍ରମୁଖଙ୍କୁ ଡ. ଦୀନନାଥ ପାଠୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଚନ୍ଦ୍ରଶେଖର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟରେ ୫୧୨୬୦ ନକଲି ସିମ୍ କାର୍ଡ ବାତିଲ

**ଭୁବନେଶ୍ୱର (ପିପିଏସ୍):** ଟେଲିକମ୍ୟୁନିକେସନ ବିଭାଗ(ଡିଓଟି) ଟେଲିକମ୍ ସିମ୍ ସବସ୍କ୍ରାଇବର ଯାଞ୍ଚ ପାଇଁ ନକଲି ମୋବାଇଲ ସଂଯୋଗକୁ ବିଶ୍ଳେଷଣ, ଚିହ୍ନଟ ଏବଂ ବିଚ୍ଛିନ୍ନ କରିବା ପାଇଁ ଏଏସଟିଆର୍ ନାମକ ଫେସିଆଲ୍ ରେକଗନିସନ୍ ଟୁଲକୁ କାର୍ଯ୍ୟକାରୀ କରିଛି। ଏହା ସହାୟତାରେ ସାଇବର ଅପରାଧକୁ କମ୍ କରାଯାଇପାରିବ। ଏହା ସମସ୍ତ ଟେଲିକମ୍ ସେବା ପ୍ରଦାନକାରୀର ମିଳିତ ଗ୍ରାହକ ଡାଟାବେସ୍ ବିଶ୍ଳେଷଣ କରିଥାଏ ଏବଂ ନକଲି ମୋବାଇଲ୍ ସଂଯୋଗଗୁଡିକୁ ଚିହ୍ନଟ କରେ। ସିଷ୍ଟମ ଗ୍ରାହକ ଚିତ୍ର ଗୁଡିକ ବ୍ୟବହାର କରେ ଏବଂ ଅନ୍ୟ ଗ୍ରାହକ ଚିତ୍ର ଗୁଡିକ ସହିତ ଏହାର ତୁଳନା କରେ। ଫଳସ୍ୱରୂପ ସେହି ବ୍ୟକ୍ତିଙ୍କ ଭିନ୍ନ ନାମ ସହିତ ସମାନ ଚିତ୍ରର ଏକ ଆଉଟପୁଟ୍ ସୃଷ୍ଟି ହୁଏ। ଓଡିଆର ବିଭିନ୍ନ ଟେଲିକମ୍ ଅପରେଟରଙ୍କ ଦ୍ୱାରା ଜାରି କରାଯାଇଥିବା ୫୨,୦୮୮ ସନ୍ଦିଗ୍ଧ ମୋବାଇଲ ସଂଯୋଗକୁ ଏଏସଟିଆର୍ ଚିହ୍ନଟ କରିଛି। ଟେଲିକମ୍ୟୁନିକେସନ ବିଭାଗ, ଓଡିଶାର ନିର୍ଦ୍ଦେଶ ଅନୁଯାୟୀ, ଏହି ସନ୍ଦିଗ୍ଧ ମୋବାଇଲ ସଂଯୋଗ ସମ୍ପୃକ୍ତ ଟେଲିକମ୍ ଅପରେଟରଙ୍କ ଦ୍ୱାରା ପୁନଃଯାଞ୍ଚ କରାଯାଇଥିଲା ଏବଂ ଫଳ ସ୍ୱରୂପ ୫୧,୨୬୦ ସଂଯୋଗ ନକଲି ବୋଲି ଜଣାଯାଇଥିଲା ଯାହାକୁ ବିଚ୍ଛିନ୍ନ କରାଯାଇଥିଲା। ବିଶ୍ଳେଷଣ ଉପରେ ଆଧାର କରି ମୋଟ ୨୪୧୭ ନୋ ପଏଣ୍ଟ ଅଫ୍ ସେଲ୍ସ ସିମ୍ ବିକ୍ରେତା ଯେଉଁମାନେ ଏହି ଠକ କାର୍ଯ୍ୟକଳାପରେ ଜଡିତ ଥିଲେ ସେମାନଙ୍କୁ କଳା ତାଲିକାଭୁକ୍ତ କରାଯାଇଛି। ତଦନ୍ତ ଯଥା ଅପରାଧିଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସରେ ଏହି ଅଭିଯୋଗ କରାଯାଇଛି। ଉପରୋକ୍ତ ପଦକ୍ଷେପଗୁଡିକ ଓଡିଶାରେ ସାଇବର କ୍ରାଇମ୍ ସମେତ ବିଭିନ୍ନ ବେଆଇନ୍ କାର୍ଯ୍ୟକଳାପ ପାଇଁ ଏହିପରି ନକଲି ମୋବାଇଲ ସଂଯୋଗର ବ୍ୟବହାରକୁ ରୋକିବାରେ ସାହାଯ୍ୟ କରିବ।



# ଦୁର୍ଘଟଣାରେ ମା' ପୁଅ ଗୁରୁତର

**ଭୁବନେଶ୍ୱର (ପିପିଏସ୍) :** ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଧଉଳି ଥାନା ଅଧୀନ ଲିଙ୍ଗିପୁର ଟ୍ରାଫିକ୍ ପୋଷ୍ଟ ନିକଟରେ ଗତକାଲି ପୂର୍ବାହ୍ନରେ ଦୁର୍ଘଟଣା ଘଟିବାରୁ ଏଥିରେ ମା' ପୁଅ ଗୁରୁତର ହୋଇଛନ୍ତି। ଏକ ଟ୍ରକ ସ୍କୁଟି ପଛରେ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିଲା। ଫଳରେ ମହିଳା ଏବଂ ତାଙ୍କ ଛୋଟ ପୁଅ ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ହେଲେ ପିପିଲି ଥାନା ଅଧୀନ ତେଇଶିପୁରର ରଞ୍ଜୁଲତା ବେହେରା(୪୧) ଏବଂ ତାଙ୍କର ୭ ବର୍ଷର ଛୋଟପୁଅ। ତେବେ ଏହି ଦୁର୍ଘଟଣାରୁ ତାଙ୍କ ୧୨ ବର୍ଷର ଝିଅର ଅଳ୍ପକେ ବର୍ତ୍ତିଯାଇଛି। ଖବରପାଇ ଧଉଳି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ନିକଟସ୍ଥ ବଡ଼ଦା ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ଚାଳକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ ରଞ୍ଜୁଲତା ତାଙ୍କ ଆଖିର ଚିକିତ୍ସା କରିବା ପାଇଁ ସ୍କୁଟି ଚଳାଇ ପୁଅ ଓ ଝିଅଙ୍କ ସହିତ ବଡ଼ଦା ହସ୍ପିଟାଲକୁ ଆସିଥିଲେ। ସେଠାରେ ଚକ୍ଷୁ ପରୀକ୍ଷା କରାଇ ସାରିବା ପରେ ଜାତୀୟ ରାଜପଥରୁ ୟୁଟର୍ଣ୍ଣ କରି ଉତ୍ତରା ଅଭିମୁଖେ ଯିବା ସମୟରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଟ୍ରକ୍ ପଛରୁ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଭାରସାମ୍ୟ ହରାଇ ରଞ୍ଜୁଲତା ପିଲାଙ୍କ ସହିତ ଛିଟିକି ପଡ଼ିଥିଲେ। ପୁଲିସ ସେମାନଙ୍କୁ ଉଦ୍ଧାର କରି ପୁଣି ସେଇ ବଡ଼ଦା ହସ୍ପିଟାଲକୁ ନେଇଥିଲା।

# ନାବାଳିକା ଅପହରଣ ଅଭିଯୋଗ

**ଭୁବନେଶ୍ୱର (ପିପିଏସ୍):** ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ଭରତପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୁଲିସ ଦଫା ୩୬୩ ଆଇପିସିରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁସାରେ, ନାବାଳିକାଙ୍କ ଘର ଭରତପୁର ମହାଲକ୍ଷ୍ମୀ ବିହାର ଅଞ୍ଚଳରେ ହୋଇଥିବା ବେଳେ ସେ କଳିଙ୍ଗନଗର ଅଞ୍ଚଳରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢୁଥିଲେ। ଚଳିତ ବର୍ଷ ସେ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଗତକାଲି ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ସମୟରେ ପୁରୁଣା ପୋଷାକ ସିଲାଇ କରିବାକୁ ଯାଉଛନ୍ତି କହି ଘରୁ ବାହାରିଥିଲେ। ହେଲେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ପରିବାର ଲୋକେ ତାଙ୍କୁ ସାହି ପଡ଼ିଶା ସମେତ ବନ୍ଧୁବାନ୍ଧବଙ୍କ ଘରେ ଖୋଜି ବିଫଳ ହୋଇଥିଲେ। ସବୁ ଦିଗରୁ ନିରାଶ ହେବାପରେ ଛାତ୍ରୀଙ୍କ ବାପା ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ନାବାଳିକା ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବ୍ୟାଟେରି, ମିନିଟ୍ରକ୍ ଚୋରି ମାମଲା: ଅଭିଯୁକ୍ତ କୋର୍ଟଚାଲାଣ



**ଭୁବନେଶ୍ୱର (ପିପିଏସ୍) :** ଏକ କମ୍ପାନି ପରିସରରୁ ୧୫ଲକ୍ଷ ଟଙ୍କାର ନୂଆ ବ୍ୟାଟେରି ବୋଝେଇ ମିନିଟ୍ରକ୍ ଚୋରି ଘଟଣାର ପର୍ଦ୍ଦାଫାସ୍ କରିଛି ଚନ୍ଦକା ଥାନା ପୁଲିସ। ନକଲି ଚାବିରେ ଖୋଦ୍ ଡ୍ରାଇଭର ହିଁ ମିନିଟ୍ରକ୍‌କୁ ଚୋରେଇ ନେଇଥିଲା ବୋଲି ଜଣାପଡ଼ିଛି। ଚନ୍ଦକା ଥାନା ପୁଲିସ ଅଭିଯୁକ୍ତ ଡ୍ରାଇଭର ପ୍ରବୀର ହାତୀ (୨୯) ଓ ତା'ର ସହଯୋଗୀ ତଥା ମିରିଚିଆର ଲକ୍ଷ୍ମୀଧର ରାଉତକୁ କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଚୋରି ମିନିଟ୍ରକ୍ ଓ ବ୍ୟାଟେରି ଜବତ କରାଯାଇଛି। ମିନିଟ୍ରକ୍‌କୁ କଟକ ମଙ୍ଗୁଳି ନିକଟସ୍ଥ ଏକ ଜଙ୍ଗଲିଆ ଅଞ୍ଚଳରୁ ଏବଂ ଅଭିଯୁକ୍ତ ଡ୍ରାଇଭର ପ୍ରବୀରର ଗୋପାଳପୁରସ୍ଥିତ ଭଡ଼ା ଘରୁ ବ୍ୟାଟେରିତକ ଜବତ କରାଯାଇଛି। ଆଜି ଏସିପି ରମେଶ ଚନ୍ଦ୍ର ବିଷୋୟୀ ଓ ଆଇଆଇସି ରାଧାକାନ୍ତ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ପୁଲିସ ସୂଚନାନୁସାରେ ଗତ ୪ ତାରିଖ ରାତିରେ କୃଷ୍ଣନଗରସ୍ଥିତ ବର୍ମା ଲଜିଷ୍ଟିକ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନିରୁ ପ୍ରାୟ ୧୫ ଲକ୍ଷ ଟଙ୍କା ମୂଲ୍ୟର ନୂଆ ବ୍ୟାଟେରି ବୋଝେଇ ମିନିଟ୍ରକ୍ (ଓଡି-୦୫-ଏଏଲ୍ ୮୩୭୫) ଚୋରି ହୋଇଯାଇଛି ବୋଲି ମ୍ୟାନେଜର ରଞ୍ଜନ ଶତପଥୀ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ଆରମ୍ଭ କରିବାକୁ ଯାଇ ସୁରକ୍ଷାକର୍ମୀଙ୍କୁ ପଚରାଉଚରା କରିଥିଲା। ଏମିତିକି ଗାଡ଼ି ଚାଳକ ପ୍ରବୀରକୁ ମଧ୍ୟ ପଚରାଉଚରା କରାଯାଇଥିଲା। ପ୍ରବୀର ଗାଡ଼ି ଆଣି କମ୍ପାନି ପରିସରରେ ରଖିବା ସହ ଚାବିକୁ ସୁରକ୍ଷାକର୍ମୀଙ୍କୁ ଦେଇ ଘରକୁ ଚାଲିଯାଇଥିଲା ବୋଲି ସଫେଇ ଦେଇଥିଲା। ସେଦିନ ରାତି ଡ୍ୟୁଟିରେ ଥିବା ସୁରକ୍ଷାକର୍ମୀ ମଧ୍ୟ ପ୍ରବୀର କଥାରେ ସମ୍ମତି ଜଣାଇଥିଲେ। ଗାଡ଼ିଟି କମ୍ପାନିର ପଛ ଗେଟ୍ ବାଟ ଦେଇ ଯାଇଥିବାରୁ କେହି କର୍ମଚାରୀ ହିଁ ଏହି କାଣ୍ଡ ଭିଆଇଛି ବୋଲି ପୁଲିସର ସନ୍ଦେହ ହୋଇଥିଲା। ବିଶେଷକରି ଚୋରି ହୋଇଥିବା ମିନିଟ୍ରକ୍‌ର ଚାଳକ ପ୍ରବୀର ଉପରେ ପୁଲିସ କଡ଼ା ନଜର ରଖିଥିଲା। ହଠାତ୍ ଗତକାଲି ରାତିରେ ପୁଲିସ ପ୍ରବୀର ଓ ଏହି ଚୋରିରେ ତାକୁ ସହଯୋଗ କରିଥିବା ଲକ୍ଷ୍ମୀଧରଙ୍କୁ ଅଲଗା ଅଲଗା ଉଠାଇ ନେଇ ପଚରାଉଚରା କରିବା ପରେ ସେମାନେ ସବୁ ସତ ଉଗାରି ପକାଇଥିଲେ। ଏହି ଚୋରି ପାଇଁ ପ୍ରବୀର ବହୁ ଦିନ ହେଲା ଯୋଜନା କରିଥିଲା ଏବଂ ଗାଡ଼ିର ନକଲି ଚାବି ତିଆରି କରାଇଥିଲା। ଘଟଣା ଦିନ ରାତିରେ ସେ କମ୍ପାନି ପରିସରରେ ଗାଡ଼ି ରଖି ସୁରକ୍ଷା କର୍ମୀଙ୍କୁ ଚାବି ଦେଇ ଚାଲିଯାଇଥିଲା। ପରେ ପଛ ଗେଟ୍ ଦେଇ ନକଲି ଚାବିରେ ଗାଡ଼ି ଚଳାଇ ସେମାନେ ଛୁ' ମାରିଥିଲେ।

# ବସ୍ତି ଅଞ୍ଚଳରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର (ପିପିଏସ୍):** ବସ୍ତିର ପିଲାଙ୍କ ପାଇଁ ଆରମ୍ଭ ହୋଇଯାଇଛି ଅନ୍‌ଲାଇନ୍ ଗ୍ରୀଷ୍ମକାଳୀନ ଶିବିର। ଖରାଛୁଟିରେ ପିଲାମାନଙ୍କୁ ଭ୍ରଷ୍ଟ ପଥରୁ ଓହରାଇ ପାଠପଢ଼ା ଏବଂ ଖେଳକୁଦ ପ୍ରତି ମନ ବଳାଇବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଛି ଅଭିନବ ପ୍ରୟାସ। ଏହାସହିତ ବସ୍ତିର କୁନି କୁନି ପିଲାମାନଙ୍କୁ ଏକାଠି କରି ଶିଖାଯାଉଛି କଳା କାରିଗରୀ ସାଙ୍ଗକୁ ବ୍ୟବସ୍ଥିତ ଢଙ୍ଗରେ ଜୀବନ ଜୀଇଁବାର ଶୈଳୀ। ସେମାନେ ମଧ୍ୟ ବିଭିନ୍ନ ବସ୍ତିକୁ ଯାଇ ସାମାଜିକ ସଚେତନତାର ବାର୍ତ୍ତା ଦେଉଛନ୍ତି। ଗ୍ରୀଷ୍ମଋତୁରେ ବସ୍ତି ପିଲାଙ୍କୁ ସାମିଲ କରାଯାଇଛି। ଦାରିଦ୍ର୍ୟର ତାଡ଼ନା ହେଉ ଅବା ଭୋକ ବିକଳରେ ପାଠବହି ବଦଳରେ ଆଗକୁ ଜରି, ବୋତଲ ଗୋଟାଇବା ହେଉ ଅବା ପଥ ବିଚ୍ୟୁତ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ଏଭଳି ନିଆରା ପଦକ୍ଷେପ ନିଆଯାଇଛି। ସାଧାରଣ ପିଲାଙ୍କ ପରି ସାଧାରଣ ଜୀବନଯାପନ ପାଇଁ ସେମାନଙ୍କୁ ବ୍ୟବସ୍ଥିତ ଢଙ୍ଗରେ ବଞ୍ଚିବାର ରାହା ଦେଖାଯାଉଛି। ଏଥିପାଇଁ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ସେମାନଙ୍କୁ ଏକାଠି କରି ସାଧାରଣ ଜୀବନରେ ସଚେତନତାର ବାର୍ତ୍ତା ଦିଆଯାଉଛି। ଏଥିରେ ସେମାନଙ୍କୁ ଯୋଗ ଶିକ୍ଷାଠାରୁ ଆରମ୍ଭ କରି ସାଧାରଣ ଜ୍ଞାନ, ପ୍ଲାଷ୍ଟିକମୁକ୍ତ ସଚେତନତା ଏବଂ ସେମାନଙ୍କ ଦକ୍ଷତା ବିକାଶ ଆଦି ଶିକ୍ଷା ଦିଆଯାଉଛି। ଯେଉଁ ସମୟରେ ସେମାନେ ବାହାରେ ବୁଲି ସାମାଜିକ ବିଚ୍ୟୁତି ହେବାର ସମ୍ଭାବନା ରହିଛି, ସେହି ସମୟରେ ସେମାନଙ୍କୁ ଦିଆଯାଉଛି ଦକ୍ଷତା ବିକାଶର କଳା। ପ୍ରତ୍ୟେକଦିନ ପିଲାମାନଙ୍କୁ ଗପ କହିବା ସହ ଗପ ଲେଖିବାର ପ୍ରୟାସ, ଏକାଗ୍ରତା ପାଇଁ ଯୋଗ, ବିଭିନ୍ନ ପ୍ରକାରର ଖେଳକୁଦ, ନିଜ ଆଖପାଖକୁ ସଫାସୁତୁରା ରଖିବା, ଚିତ୍ରାଙ୍କନ, ପେପର୍ ବ୍ୟାଗ୍ ତିଆରି, ହସ୍ତକଳା ପ୍ରସ୍ତୁତି କରାଯାଉଛି। କେବଳ ସେତିକି ନୁହେଁ ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ ନେଇ ପିଲାମାନେ ବସ୍ତିକୁ ବସ୍ତି ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ବର୍ତ୍ତମାନ ଭୁବନେଶ୍ୱରର ୬ଟି ବସ୍ତିରେ ଏହି ପ୍ରୟାସକୁ ଜାରି କରାଯାଇଛି। କୁନି କୁନି ପିଲାମାନେ ଖରାଛୁଟିରେ ପଥଭ୍ରଷ୍ଟ ନ ହେବା ପାଇଁ ସେମାନଙ୍କୁ ଏସମ୍ପର୍କରେ ସଚେତନ କରାଯାଉଛି। ସେମାନେ ସେହି ବାର୍ତ୍ତାକୁ ଅନ୍ୟମାନଙ୍କ ପାଖରେ ପହଞ୍ଚାଉଛନ୍ତି। ସାମାଜିକ ଅନୁଷ୍ଠାନ ୟୁଥ୍ ଫର୍ ସେବା ପକ୍ଷରୁ ଭୁବନେଶ୍ୱରର ଝରାବଣିଆ, ୟୁନିଟ୍-୬, ଭିଏସ୍‌ଏସ୍ ନଗର, ବାଲିପାଟଣା, ଚନ୍ଦକା ଆଦି ଅଞ୍ଚଳରେ ଥିବା ବସ୍ତିରେ ଥିବା ଚାଟଶାଳିର ସମୁଦାୟ ୧୫୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଏଥିରେ ସାମିଲ କରାଯାଇଛି। ପୂର୍ବରୁ ପିଲାମାନଙ୍କୁ ପାଠପଢ଼ାର ସୁବିଧା ଦିଆଯାଉଥିବାବେଳେ ଏବେ ଗ୍ରୀଷ୍ମକାଳୀନ ଶିକ୍ଷାରେ ସାମିଲ କରାଯାଇଛି।

# ୱାର୍ଡ ନମ୍ବର ୩୯ରେ କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ବଢୁଛି ଅସନ୍ତୋଷ



**ଭୁବନେଶ୍ୱର (ପିପିଏସ୍) :** ବିଏମ୍‌ସିର ୱାର୍ଡ ନମ୍ବର ୩୯ ରାଜଧାନୀର ଏକ ଜନବହୁଳ ଅଞ୍ଚଳ। ପାଖାପାଖି ୪୦ ହଜାର ଲୋକ ଏହି ୱାର୍ଡରେ ବାସିନ୍ଦା। ଏଠାରେ ରାସ୍ତା ସମସ୍ୟା ଯେତିକି ଗୁରୁତର, ଡ୍ରେନ୍ ସମସ୍ୟା ତହୁଁ ବଳକା। ତେବେ ଏଠାରେ ଲୋକଙ୍କ ଭିତରେ ବହୁ ବର୍ଷ ହେଲା କଲ୍ୟାଣ ମଣ୍ଡପ ଅସନ୍ତୋଷ କୁହୁଳୁଛି। ରାଜଧାନୀର ଜଣାଶୁଣା ୟୁନିଟ୍-୮ କଲ୍ୟାଣ ମଣ୍ଡପକୁ କ'ଣ ପାଇଁ ବଳି ପକାଇଦିଆଗଲା ଏବଂ ମଡେଲ୍ କଲ୍ୟାଣ ମଣ୍ଡପ କ'ଣ ପାଇଁ ନିର୍ମାଣ କରାଯାଉନାହିଁ ବୋଲି ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧି ରହିଛି। କେବେ ନା କେବେ ଏହା ବିସ୍ଫୋରକ ରୂପ ନେଇପାରେ ବୋଲି ଲୋକମାନେ କହିଛନ୍ତି। ଏହି ୱାର୍ଡର ଶାସ୍ତ୍ରୀନଗର ଅଞ୍ଚଳର ରାସ୍ତା ଓ ଡ୍ରେନ୍ ସମସ୍ୟା ଯୋଗୁଁ ଅଞ୍ଚଳବାସୀ ବହୁ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ପାଖାପାଖୀ ୫ ବର୍ଷ ହେଲା ଏଠାରେ ରାସ୍ତା ମରାମତି କାମ ହେଉନାହିଁ। ନୂଆପଲ୍ଲୀ, ଜୟଦେବବିହାର, ଏଜି ଛକ ଆଦି ବହୁ ଅଞ୍ଚଳକୁ ଏଠାରୁ ରାସ୍ତା ଯାଇଛି। କିନ୍ତୁ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ଲୋକମାନେ ସମସ୍ୟାରେ ପଡୁଛନ୍ତି। ୨୦୧୭ ମସିହାରୁ ନୂଆପଲ୍ଲୀ ନୂଆସାହି ଆଖଣ୍ଡଳମଣି ମନ୍ଦିରଠାରୁ ଶାସ୍ତ୍ରୀନଗର ଶନି ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲେ ସୁଦ୍ଧା ଏଯାବତ୍ କାମ ଆରମ୍ଭ ହୋଇନାହିଁ। ବଡ଼ କଥା ହେଉଛି ସହରର ଉଚ୍ଚା ସ୍ଥାନରେ ରହିଛି ଏହି ଅଞ୍ଚଳ। କିନ୍ତୁ ସହର ତଳି ଅଞ୍ଚଳ ଭଳି ଏଠାରେ ବର୍ଷ ଦିନେ ବନ୍ୟା ସ୍ଥିତି ସୃଷ୍ଟି ହୁଏ। ରାସ୍ତାରୁ ଘର ପର୍ଯ୍ୟନ୍ତ ବୁଡ଼ିଯାଏ। ମାତ୍ର ଡ୍ରେନ୍‌ରେ ଜବରଦଖଲ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ ଏବଂ ରାସ୍ତା ବୁଡ଼ିଯାଉଛି। ସହରର ମୁଖ୍ୟ ଡ୍ରେନ୍-୧୦କୁ କିଛି ଲୋକ ଜବରଦଖଲ କରି ଘର କରିଥିବାରୁ ଏହି ଅଞ୍ଚଳ ପାଇଁ କାଳ ସାଜିଛି। ବର୍ଷା ପାଣି ନିଷ୍କାସନ ହୋଇନପାରି ଲୋକଙ୍କ ଘରେ ପଶୁଛି।

# ରୋଟାରୀ କ୍ଲବ ପକ୍ଷରୁ 'ଫୋରୱେ ଟେଷ୍ଟ ସେମିନାର'

**ଭୁବନେଶ୍ୱର (ପିପିଏସ୍) :** ରୋଟାରୀ କ୍ଲବ୍ ଭୁବନେଶ୍ୱର ସେଣ୍ଟିନିଆଲ ଡିଷ୍ଟ୍ରିକ୍ଟ୍ ୩୨୬୨ ତରଫରୁ ଏକ ହୋଟେଲରେ 'ଫୋରୱେ ଟେଷ୍ଟ ସେମିନାର' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିୟାନ ପ୍ରଭୁଦତ୍ତ ସୁବୁଦ୍ଧି, ମଞ୍ଜୁଳା ସୁବୁଦ୍ଧି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡ଼ିଜି ରୋଟାରିୟାନ ଅଶ୍ୱିନୀ କର, ପିଡ଼ିଜି ରୋଟାରିୟାନ ଶିବବ୍ରତ ଦାସ ପ୍ରମୁଖ ଫୋରୱେ ଟେଷ୍ଟର ଉପଯୋଗ ଏବଂ ଏହାର ଉପକାରିତା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିବା ବେଳେ ବ୍ରହ୍ମାକୁମାରୀ ଗୀତା ଭଉଣୀ ରୋଟାରିୟାମାନଙ୍କୁ ଆଧ୍ୟାତ୍ମିକ ଭାଷଣ ପ୍ରଦାନ କରିଥିଲେ।

# ଜେଲ୍ ଗଲେ ଦୁଇଜଣ ଲୁଟେରା

**ଭୁବନେଶ୍ୱର (ପିପିଏସ୍):** ଗତ ଶନିବାର ଜଣଙ୍କ ମୋବାଇଲ୍ ଚୋରି କରି ନେଇ ସେଥିରୁ ଅନ୍‌ଲାଇନ୍ ମାଧ୍ୟମରେ ୪୦ ହଜାର ଟଙ୍କା ଲୁଟି ନେବା ଘଟଣାରେ ୨ଜଣଙ୍କୁ ଜେଲ୍ ଯିବାକୁ ପଡ଼ିଛି। ଲୁଟ୍‌ରେ ବ୍ୟବହାର ହୋଇଥିବା ଏକ ବାଇକ୍ ଜବତ ହୋଇଥିବା ମଧ୍ୟ ଜଣାପଡ଼ିଛି। ସୂଚନା ଅନୁଯାୟୀ ଅସ୍ତରଙ୍ଗ ଥାନା ଅଞ୍ଚଳର ହରଷ ଦଳେଇ(୩୨) ସରଦେଇପୁର-ନିମାପଡ଼ା ରାସ୍ତାର ଓଡ଼ଖଣ୍ଡ ନିକଟରେ ଗାଡ଼ି ଅଟକାଇ ଫୋନ୍‌ରେ କଥା ହେଉଥିବା ସମୟରେ ଦୁଇଜଣ ଲୁଟେରା ଏକ ମୋଟର ସାଇକଲରେ ଆସି ହରଷଙ୍କ ଫୋନ୍ ଛଡ଼ାଇ ନେଇଯାଇଥିଲେ। ପରେ ତାଙ୍କ ଫୋନ୍‌ରୁ ଅନ୍‌ଲାଇନ୍ ମାଧ୍ୟମରେ ୪୦ ହଜାର ଟଙ୍କା ଉଠାଇ ନେଇଥିଲେ। ଅଭିଯୋଗ ପରେ ପୁଲିସ ଦୁଇଜଣ ଲୁଟେରା ସଲମନ ଖାଁ (୨୦), ରାହିଲ୍ ସାହା (୩୦)ଙ୍କୁ ଗିରଫ୍ କରିବା ସହିତ ଲୁଟ୍‌ରେ ବ୍ୟବହୃତ ଓଡି-୦୨-ବିକ୍ୟୁ-୪୩୬୦ ନମ୍ବର ବିଶିଷ୍ଟ ଗାଡ଼ିକୁ ଜବତ କରିଛି ପୁଲିସ। ଏ ନେଇ ୧୫୯/୨୩ ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଏଣିକି ମିଲେଟ୍ ଫୁଡ୍‌ରେ ମିଳିବ ମାଣ୍ଡିଆ ନୁଡଲ୍‌ସ, ଭେଜ୍ ବିରିୟାନୀ

**ଭୁବନେଶ୍ୱର (ପିପିଏସ୍):** ରାଜ୍ୟରେ ଓଡ଼ିଶା ମିଲେଟ୍ ମିଶନ୍‌କୁ କରାଯାଉଛି ଆହୁରି ବ୍ୟାପକ। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ମାଣ୍ଡିଆରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ଏହାର ବିକ୍ରୟ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରାଯାଉଛି। ମିଲେଟ୍ ଶକ୍ତି ବ୍ରାଣ୍ଡ୍‌କୁ ଆଗକୁ ବଢ଼ାଇବା ପାଇଁ ନିଆଯାଉଛି ପଦକ୍ଷେପ। ଏହି ଯୋଜନାକୁ ଅଧିକ କ୍ରିୟାଶୀଳ କରିବାପାଇଁ ବିଶେଷ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଅଧିକ ସଂଖ୍ୟାରେ ସାମିଲ କରାଯାଇ ମିଲେଟ୍ କାଫେ, ମିଲେଟ୍ ଟିଫିନ୍ ଷ୍ଟଲ, ମିଲେଟ ଜାତୀୟ ଖାଦ୍ୟର ପ୍ରଚାରପ୍ରସାର କରାଯାଉଛି। ଏଥିପାଇଁ ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ମିଲେଟ୍‌ରୁ ପ୍ରସ୍ତୁତ ଖାଦ୍ୟ ପ୍ରସ୍ତୁତି ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ଏଥିପାଇଁ ଓଡ଼ିଶା ମିଲେଟ୍ ମିଶନ୍ ଓ ମାଇକେଲ୍ସ କିଚେନ୍‌ର ମିଳିତ ସହଯୋଗରେ ୬ଦିନ ଧରି ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟକୁ ନେଇ ପ୍ରଶିକ୍ଷଣ ଦିଆଯାଉଛି। ପ୍ରତ୍ୟେକଦିନ ୨ଟି ଲେଖାଏଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହାସଂଘର ମହିଳାଙ୍କୁ ଏହି ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏବେସୁଦ୍ଧା ୪ଟି ମହିଳା ମହାସଂଘର ମହିଳାମାନେ ପ୍ରଶିକ୍ଷଣ ନେଇ ସାରିଛନ୍ତି। ଦେଶୀ ଖାଦ୍ୟରେ ବିଦେଶୀ ଛୁଙ୍କ ଦେଇ ଗ୍ରାହକଙ୍କୁ ପରସିବା ପ୍ରଣାଳିଠାରୁ ଆରମ୍ଭ କରି ସେଗୁଡ଼ିକ ସ୍ୱାସ୍ଥ୍ୟକରଭାବେ ପ୍ରସ୍ତୁତ କରିବା, ରୋଜଗାର ବଢ଼ାଇବା, ବ୍ୟବସାୟର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଉଛି। ଯେଉଁଥିରେ ମହିଳାମାନେ ଆସି ବରିଷ୍ଠ ସେଫ୍ ମାଇକେଲ୍‌ଙ୍କଠାରୁ ମାଣ୍ଡିଆରୁ ଖାଦ୍ୟ ପ୍ରସ୍ତୁତିର ପ୍ରଶିକ୍ଷଣ ନେଉଛନ୍ତି। ୧୫ଦିନ ଧରି ଚାଲିବାକୁ ଥିବା 'ମିଲେଟ୍ ଫୁଡ୍ ଫେଷ୍ଟିଭାଲ୍'ରେ ମହିଳାମାନଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହ ମାଣ୍ଡିଆକୁ ନେଇ ଭଳିକି ଭଳି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ସେଥିରେ ସେମାନେ ମାଣ୍ଡିଆ ଦହିବରା, ବିରିୟାନୀ, ଚାଓମିନ୍, ମାଣ୍ଡିଆ ଡୋନଟ୍, ବାଜରା କେକ୍, କାଙ୍ଗୁ ଦହିବରା, ମାଣ୍ଡିଆ ଗୁପ୍‌ଚୁପ୍, ସାଲାଡ୍, ପିଠା ଆଦି ସମ୍ପର୍କରେ ତାଲିମ୍ ଦିଆଯାଉଛି। ଏହାସହିତ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରଣାଳୀ ଉପରେ ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ଖୋର୍ଦ୍ଧା, ପୁରୀ, କଟକ ଆଦି ଜିଲ୍ଲାର ମହିଳା ଏସ୍‌ଏଚ୍‌ଜିଗୁଡ଼ିକୁ ସାମିଲ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ପର୍ଯ୍ୟାୟକ୍ରମେ ମିଲେଟ୍ ଆଉଟ୍‌ଲେଟ୍ ଖୋଲାଯିବାର ବ୍ୟବସ୍ଥା ରହିଛି। ଏଥିପାଇଁ ମହିଳାମାନଙ୍କୁ ମିଲେଟ୍‌ରୁ ପ୍ରସ୍ତୁତ ଖାଦ୍ୟର ପ୍ରଶିକ୍ଷଣ ଦିଆଯାଉଛି।

# ରାଜଧାନୀରେ ବଢୁଛି ଧଳାଜହର କାରବାର

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଭୁବନେଶ୍ୱରରେ ବଢୁଛି ଧଳାଜହର କାରବାର। ଏଭଳି ନିଶା ସାମଗ୍ରୀ ବିକ୍ରି ବଢ଼ିବା ସହ ସେବନକାରୀଙ୍କ ସଂଖ୍ୟା ବି ବଢ଼ିବାରେ ଲାଗିଛି। ନିଶା କାରବାରରେ ସଂଶ୍ଳିଷ୍ଟ ରହିଥିବା ନିଶା ମାଫିଆଙ୍କୁ ପୁଲିସ ଓ ସ୍ୱତନ୍ତ୍ର ତଦନ୍ତକାରୀ ଦଳ କାବୁକରୁଛି। ନିଶା ମାଫିଆଙ୍କୁ ସାବାଡ଼ କରିବା ଲାଗି ପୁଲିସର ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇଛି। ଏପରିକି ଉପକଣ୍ଠ ଥାନାଠାରୁ ସମ୍ବେଦନଶୀଳ ଥାନାଗୁଡ଼ିକରେ ପୁଳା ପୁଳା ବ୍ରାଉନସୁଗର ଜବତ ହେବା ସହ ବେପାରୀ ଗିରଫ ହେଉଛନ୍ତି। ମାତ୍ର ଭୁବନେଶ୍ୱରରେ ବ୍ରାଉନସୁଗର କାରବାରରେ ଲାଗୁନି ଅଙ୍କୁଶ। ଭୁବନେଶ୍ୱରରେ ଆନ୍ତଃରାଜ୍ୟ ମାଫିଆ ରାଜୁତି ଦିନକୁ ଦିନ ବଢ଼ିଛି। ଏଥିରେ କୋଲକାତା ନିଶା ମାଫିଆ ବ୍ରାଉନସୁଗର କାରବାର ମଙ୍ଗ ସମ୍ଭାଳିଥିବା କୁହାଯାଉଛି। କୋଲକାତାର ଲାଲଗୋଲାରେ ବ୍ରାଉନସୁଗର ଉତ୍ପାଦନ ହେଉଥିବାରୁ ସେଠାରୁ ନିଶାଦ୍ରବ୍ୟ ଆଣୁଛନ୍ତି ବଙ୍ଗୀୟ ନିଶା ବେପାରୀ। କେବଳ କୋଲକାତା ନୁହେଁ ବର୍ମା ମିଆଁମାର, ବାଂଲାଦେଶରୁ ଓଡ଼ିଶାକୁ ଆମଦାନୀ ହେଉଛି ବ୍ରାଉନ୍‌ସୁଗର। ବାଲେଶ୍ୱର, ଜଳେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ଦେଇ ଓଡ଼ିଶାକୁ ବ୍ରାଉନ୍‌ସୁଗର ପ୍ରବେଶ କରୁଛି। ପରେ ଭୁବନେଶ୍ୱର ସମେତ ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ ଓ ଜଳେଶ୍ୱର ଜିଲ୍ଲାରେ ବ୍ରାଉନସୁଗର ଆଣି ଡେରା ପକାଉଛନ୍ତି ବଙ୍ଗୀୟ ନିଶା ବେପାରୀ। ଦଲାଲଙ୍କ ସହାୟତାରେ ସାରା ଓଡ଼ିଶାକୁ ବ୍ରାଉନସୁଗର ଚାଲାଣ କରାଯାଉଛି। ସେହିପରି ଫୁଲ, ଫେରିବାଲା ବିକ୍ରିକରିବା ଆଳରେ କୋଲକାତାର ନିଶା ବେପାରୀ ଓଡ଼ିଶା ଆସୁଛନ୍ତି। ପରେ କିଛିଦିନ ଭୁବନେଶ୍ୱରରେ ରହିବା ପରେ ଫୁଲ ଓ ଫେରିବାଲା ବେଶଧରି ବ୍ରାଉନସୁଗର କାରବାର କରୁଛନ୍ତି। ନିଶା କାରବାରରୁ ଅଧିକ ଲାଭ ହେଉଥିବାରୁ ସେମାନେ ରାଜଧାନୀକୁ ଟ୍ରେନ୍ ଓ ବସ୍‌ଯୋଗେ ବ୍ରାଉନସୁଗର ନେଇ ଆସୁଛନ୍ତି। ପରେ କଲେଜ ପଢୁଆ ଯୁବପିଢ଼ି ଅବା ଦଲାଲଙ୍କୁ ବିକ୍ରି କରୁଛନ୍ତି। ସେମାନେ ବେଶ ବଦଳାଉଥିବାରୁ ତଦନ୍ତକାରୀ ସଂସ୍ଥା ସୁରାକ୍ ପାଇପାରୁନି। ଏଭଳି ଭାବେ ଦେଢ଼ବର୍ଷ ଭିତରେ କୋଲକାତାର ୨୧ଜଣ ନିଶା ମାଫିଆଙ୍କୁ ଗିରଫ କରାଯାଇଛି। ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ କପିଳଦେବ ମଜୁମଦାର, ରସୁଲଗଡର ଓଭରବ୍ରିଜ ତଳୁ ରକିବୁଲ ଲସ୍କର ଓ ସୁଧନ୍ୟ ଗାୟେନଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ସେମାନଙ୍କ ଠାରୁ ୩କିଲୋ ୨୫ଗ୍ରାମ୍ ବ୍ରାଉନସୁଗର ଜବତ ହୋଇଥିଲା। ସେହିପରି କୋଲକାତା ପୁଲିସ ଲାଗି ମୋଷ୍ଟ ୱାଣ୍ଟେଡ୍ ନିଶା ବେପାରୀ ଶେଖ ଲାଲୁ, ଶେଖ ଆଜବାହାର, ମହମ୍ମଦ ତବରେଜ୍, ବାବୁଜାନ୍ ଖାନ୍‌ଙ୍କ ଭଳି ନିଶା ମାଫିଆ ପୁଲିସ ହାତରେ ଧରାପଡ଼ିବା ସହ ବ୍ରାଉନ୍‌ସୁଗର ଜବତ ହୋଇଛି। ଅନ୍ୟପଟେ ଭୁବନେଶ୍ୱରରେ ଦାମୀ ନିଶାଦ୍ରବ୍ୟ କୋକେନ୍ ସମ୍ପୃକ୍ତି ରହିଥିବା ରବି ଓ ସନ୍ନି କୁମାରଙ୍କୁ ଗିରଫ କରାଯାଇଥିଲା। ସେହିପରି ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ରାଜ୍ୟରୁ ୬୯ କିଲୋ ବ୍ରାଉନସୁଗର ଜବତ କରିଛି। ନିଶାରେ ସମ୍ପୃକ୍ତି ରହିଥିବା ଦେଢ଼ଶହରୁ ଅଧିକ ନିଶା ମାଫିଆଙ୍କୁ ଗିରଫ କରିଛି। ସେଭଳି କମିସନରେଟ ପୁଲିସର ପ୍ରକଳ୍ପ 'ହ୍ୱାଇଟ ସ୍ପାଇଡର'ରେ ଚଳିତବର୍ଷ ଆଜି ଯାଏ ୧୧୧ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରାଯାଇଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER MINOR IRRIGATION DIVISION JASHIPUR
AT/P.O-Khairi-Jashipur, Dist-Mayurbhanj, PIN-757091

ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: P163533)
REQUEST FOR BIDS (RFB) E Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS

RFB No. OIIPCRA-JAS/W2-01/2023-24 Date. 04.05.2023

| | |
|---|---|
| Name of Work: | Modernization works of MIP under M.I.Division ,Jashipur |
| Total No. of Works | 13 Nos. |
| Estimated Cost of Works(s): | Varies Approximately from 15.72 Lakh to 89.73 Lakh (Total estimated cost of the 13 Nos. of Works 546.09 Lakh ) |
| Cost of Bid Document: | Free of Cost. |
| Time for Completion: | Refer to DTCN |
| Availability of Bid Documents: | From 15.05.2023 10.00 Hrs to 16.06.2023 up to 15.00 Hrs through online. |
| Date of Pre-Bid Meeting: | On dt 24.05.2023 11.30 Hrs. |
| Period for receipt of bid(s): | From 15.05.2023 11.00 Hrs to 16.06.2023 up to 15.00 Hrs online. |
| Payment of bid cost/bid security: | Shall be Paid On-Line through the E-Procurement portal of Govt. of Odisha. |
| Date of opening of bid(s): | On dt: 16.06.2023 15.30 Hrs onwards. |
| Details about the tender: | Available in website of www.dowrodisha.gov.in and www.tendersodisha.gov.in |
| Name/Address of the OIT: | Superintending Engineer, M.I. Division, Jashipur. At/Po-Khairi/Dist: Mayurbhanj PIN-757091 E-Mail:- eemijashipur@yahoo.com |

Superintending Engineer
M.I. Division, Jashipur

A-116

OIPR - 32282/11/0001/2324

# ମୀନାବଜାର

"ଜୀବନେ ଯେବେ ବାବୁ ଲଭିବ ଯଶ,
କରମେ ଲାଗିପଡ଼ ତେଜି ଅଳସ ।
କେତେ କାମ ରହିଛି ତୁମରି ପାଇଁ,
ବାଳକ ବାଳିକାଏ ଆସ ହେ ଧାଇଁ ।
ସୁସ୍ଥ ଶରୀରେ କର ସଞ୍ଚୟ ବଳ,
ବିଦ୍ୟା ବୁଦ୍ଧିରେ ମନ କର ଉଜ୍ଜ୍ୱଳ ।
ଶରୀର, ମନ ରଖ ପ୍ରଫୁଲ୍ଲ ସଦା,
ତେବେ ସିନା ଜିଣିବ ସକଳ ବାଧା ।"

– ରାମକୃଷ୍ଣ ନନ୍ଦ

## ମୁନାର ଚିତ୍ରପଟ



ସୁନନ୍ଦା ମହାନ୍ତି

ଖରା ଛୁଟିରେ ଗାଁକୁ ଆସିଥାଏ ମୁନା । ତାଙ୍କ ନିଜ ପୋଖରୀରୁ ମାଛ ଧରା ହୋଇଥାଏ, ପୁଣି ଆମ୍ବ ଗଛରୁ ଆମ୍ବ, ନଡ଼ିଆ ଗଛରୁ ପଇଡ଼, ପଣସ ଗଛରୁ କଞ୍ଚା ପଣସ ତୋଳା ଚାଲିଥାଏ । ଏସବୁ ଦେଖି ମୁନା ଜେଜେ ଓ ଜେଜେମାଙ୍କୁ ଖୁବ ମନେ ପକାଉଥାଏ । ଜେଜେ ଜେଜେମା ଥିଲାବେଳେ ସେ ଯେବେ ଖରା ଛୁଟିରେ ଗାଁକୁ ଆସେ, ଜେଜେ ତାକୁ ପହଁରା ଶିଖାନ୍ତି । ସେଇଥିପାଇଁତ ସେ ଛୋଟ ଭାଇ ରାଜୁକୁ ବୁଡିଯାଉଥିବାରୁ ରକ୍ଷା କରିପାରିଥିଲା । ଆଉ ଜେଜେମା ରାମାୟଣ ଓ ମହାଭାରତରେ ଥିବା ଗପ ସବୁକୁ ଏମିତି ସୁନ୍ଦର ଭାବେ କହନ୍ତି, ସେସବୁ ଶୁଣି ସେ ଜହ୍ନମାମୁ ପତ୍ରିକାରେ ବାହାରୁଥିବା ରାମାୟଣ ଓ ମହାଭାରତ କାହାଣୀ ସବୁକୁ ବୁଝିପାରିବା ସହ ସାଙ୍ଗମାନଙ୍କୁ କହିପାରୁଥିଲା । ଏମିତିକି ଥରେ ସ୍କୁଲର ବାର୍ଷିକ ଉତ୍ସବରେ ସମ୍ପୂର୍ଣ୍ଣ ମହାଭାରତ ଓ ରାମାୟଣ କହି ସେ ପୁରସ୍କୃତ ହୋଇଥିଲା ।


ଆଜି ଏଥର ଜେଜେ ଓ ଜେଜେମାଙ୍କ କଥା ମନେ ପକାଇ ସେ ତାଙ୍କ ରୁମ୍ କବାଟ ଖୋଲିଲା । ମାଆ ସେ ଦୁହିଁଙ୍କ ବ୍ୟବହାର ଜିନିଷ ସବୁକୁ ସୁନ୍ଦର ଭାବେ ସଜାଡି ରଖିଥାନ୍ତି । ମୁନାର ନଜର ପଡିଲା ଭିନ୍ନ ଭିନ୍ନ ରଙ୍ଗ ଓ ତୂଳୀ ଉପରେ । ପ୍ରଥମେ ସେହି ରଙ୍ଗ ତୂଳୀ ସାହାଯ୍ୟରେ, ସେ ନଡ଼ିଆ ଗଛ, ପୋଖରୀର ମାଛ ଆଙ୍କୁ ଆଙ୍କୁ ତା'ର ଖୁବ ଇଚ୍ଛା ହେଲା ଜେଜେ ଓ ଜେଜେମାଙ୍କ ଚିତ୍ରପଟ ଆଙ୍କିବାକୁ ।

ଜେଜେ ଓ ଜେଜେମାଙ୍କ ବନ୍ଧେଇ ଫଟୋକୁ ସାମ୍ନାରେ ରଖି ଆଙ୍କି ଚାଲିଲା ମୁନା । ବାପାଙ୍କ ସହ ଆନ୍ଧ୍ରର ସୀମାଞ୍ଚଳ ବୁଲି ଯାଇଥିବା ସମୟରେ ସେଠାରେ ଜଣେ ବ୍ୟକ୍ତି, ସାମ୍ନାରେ ବସିଥିବା ବ୍ୟକ୍ତିଙ୍କର, ତାଙ୍କ ଅବିକଳ ନକଲ ଆଙ୍କିଲା ବେଳେ ଆଗ ମୁଣ୍ଡର ଚୁଟି, ତା'ପରେ ମୁଣ୍ଡ ଓ ମୁହଁର ଆକୃତି ଯେଉଁଭଳି ଆଙ୍କି ଚାଲୁଥିଲେ, ଠିକ ସେହିଭଳି ନିଜ ବୁଦ୍ଧି ପ୍ରୟୋଗ କରି ଆଙ୍କୁଆଙ୍କୁ ଜେଜେ ଓ ଜେଜେମା ଦୁହେଁ ଦେଖାଗଲେ ଅବିକଳ ନକଲ ପରି, ଚିତ୍ରପଟରେ ତ ସେ ଧାଇଁଲା ସନ୍ଧ୍ୟା ଆକାଶର ଛାତକୁ । ଚିତ୍ରପଟ ଦେଖାଇ କହୁଥିଲା ଦେଖ ଜେଜେ, ଦେଖ ଜେଜେମା, ତୁମ ଚିତ୍ରପଟ ଠିକ ଆଙ୍କି ପାରିଛି ଦେଖ କହି ଖୁସିରେ ନାଚୁଥିଲା । ତା' ପଛପଟୁ ବାପା ଓ ମାଆ ଦୁହେଁ ସେ ଦୃଶ୍ୟ ଓ ମୁନା ହାତର ଚିତ୍ରପଟ ଦେଖି ଖୁବ ଖୁସିରେ ଆତ୍ମହରା ହୋଇ ପଡୁଥିଲେ । ତା ଆରଦିନ ବାପା ମୁନା ପାଇଁ ନୂଆ ରଙ୍ଗ ଡବା ଓ ନୂଆ ତୂଳୀ ଆଣିଦେବା ଦେଖି ମୁନା ମନରେ ଚିତ୍ରକଳା ପ୍ରତି ଅଧିକ ଆଗ୍ରହ ଭରିଦେବା ସହ, ମୁନା ଆଙ୍କିଥିବା ଜେଜେ ଓ ଜେଜେମାଙ୍କ ଚିତ୍ରପଟଟିକୁ ବନ୍ଧେଇ କରି ମୁନା ପଢ଼ାଘରେ ଟାଙ୍ଗି ଦେଇଥିଲେ । ଆଗ୍ରହ ଓ ଉତ୍ସାହ ପାଇ ଅବସର ସମୟରେ ମୁନା ଚିତ୍ର ଆଙ୍କିଚାଲିଥିଲା ।

**ସାକ୍ଷୀଗୋପାଳ, ପୁରୀ**
**ମୋ-୯୦୪୦୯୭୭୩୨୭**



## ପାଠକୁ ଡାକିବ ଶାଠକୁ ଡାକିବ



ଦାଶ ବେନହୁର

'ପାଠ', 'ଶାଠ' ବୋଲି ଦୁଇଟି ପିଲା
ରହିଥିଲେ ପାଖାପାଖି
'ଶାଠ' ବଖଡ଼ିଆ ହୋଇଲେ ବେଶି
'ପାଠ' ହୁଏ ତା'ର ସାକ୍ଷୀ ।

'ପାଠ' ବହି ଧରି ପଢ଼ିଲେ ବସି
'ଶାଠ' ମାରୁଥାଏ ଡିଆଁ,
ଖେଳ ଖେଳୁଥାଏ ବେଳେ ଅବେଳେ
କେଉଁଠି ଲିଭାଏ ନିଆଁ ।



'ପାଠ' ଶିଖେ କଥା ବହି ପଢ଼ାରୁ
'ଶାଠ' ଶିଖେ ଅନୁଭବେ,
ଜ୍ଞାନ ଲାଭ ପାଇଁ ଉଭୟେ ଲୋଡ଼ା
ଜାଣି ରଖ ଭାଇ ଏବେ ।

ଖାଲି ପଢ଼ିବନି ଖାଲି ଖେଳିବନି
ନହେଲେ କିଇଲିବିଲି,
ପାଠକୁ ଡାକିବ ଶାଠକୁ ଡାକିବ
ହସି ଦେବେ ଖିଲି ଖିଲି ।

**କଥାକାର-୧୬୧,**
**ଶୈଳଶ୍ରୀବିହାର, ଭୁବନେଶ୍ୱର**
**ମୋ-୯୪୩୭୬୨୭୧୬୯**

## ଧରାହେବ ସୁଶୀତଳ



କବିତା ମିଶ୍ର

ଚଇତାଳି ବାଆ ଧୀରେ ଚାଲିଗଲା
ଟାଇଁଟାଇଁ ମାରେ ଖରା
ଝାଳ ଗମଗମ ବହିଲା ଦେହରୁ
ଝାଇଁଝାଇଁ ହେଲାଧରା ।।

ଆମ୍ବଡାଳେ ବସି ଡାମରା କାଉଟି
କା'କା'ହୋଇ ରାବିଲା
ନଈନାଳ ସବୁ ଶୁଖିଲା ପଡ଼ିଛି
ଝାଞ୍ଜି ପବନ ବହିଲା ।।




ଲସି ସରବତ ପିଇବାକୁ ଖାଲି
ଦୋକାନରେ ଭିଡ଼ ଜମୁଛି
ଦହିବରା ସଂଗେ ଆଳୁଦମ୍ ମଜା
ସଭିଙ୍କର ମନ ଟାଣୁଛି ।।


ଆଈ କରିଥାନ୍ତି ଘରେ ବେଲପଣା
ଜମେଇ ପିଅନ୍ତି ଅଜା
ବରଗଛ ମୂଳେ ଖୋଲା ପବନରେ
ତାଆସ ଖେଳର ମଜା ।।

ଗଛଟିଏ ଆଜି କେଉଁଠି ନାହିଁତ
ମିଳେନା ଶୀତଳ ଛାଇ
ସୂରୁଯର ତାପ ବଢ଼ିବଢ଼ି ଯାଏ
ଅଂଶୁଘାତ ହୁଏ ତହିଁ ।।

ସବୁଜ ବନାନୀ ହସୁଥିଲେ ଖାଲି
ଧରାହେବ ସୁଶୀତଳ
ଖରା ଉତ୍ତାପରୁ ରକ୍ଷାପାଇ ସର୍ବେ
ଖୁସିରେ କାଟିବେ କାଳ ।।

**ଅବସରପ୍ରାପ୍ତ ଶିକ୍ଷୟିତ୍ରୀ**
**ନୀଳାଦ୍ରିବିହାର, ଭୁବନେଶ୍ୱର**
**ମୋ-୯୯୩୭୦୩୩୭୫୦**

## ଫୁଲ





ଆର୍. ଜେ. ସାତୀ

ରଙ୍ଗ ତାହାର ଭଳିକି ଭଳି
ଧଳା, ହଳଦିଆ, ନାଲି ଓ ନେଳୀ ।
ବଗିଚାରେ ହସେ ସେ ଖିଲିଖିଲି
ପବନରେ ନାଚେ ସେ ଝୁଲି ଝୁଲି ।
ଠାକୁର ପୂଜାରେ ଲାଗଇ ନିତି
ବାସ୍ନାରେ ମନକୁ ନିଏ ସେ ଜିତି ।
ସଭିଙ୍କୁ ବାଣ୍ଟେ ସେ ହସ ଓ ଖୁସି
ଉପହାର ଆଉ ଅତରେ ମିଶି ।
ସଭିଏଁ ପାଆନ୍ତି ତାକୁ ତ ଭଲ
ତା ନାଆଁ ପରା ଅଟଇ ଫୁଲ ।

**ଡେପୁଟୀ ମ୍ୟାନେଜର୍**
**ରିଲାଏନ୍ସ ଜିଓ, ମୁମ୍ବାଇ**
**ମୋ-୭୦୦୮୪୯୩୯୨୧**

## ଜରି ଗୋଟାଳିର ଦୁଃଖ ଘୁଞ୍ଚିଲା



ଘନଶ୍ୟାମ ବୋଇତେଇ

ଆଜିର ଦୁନିଆରେ ଏପରି ଦୟାଳୁ ଲୋକ ଅଛନ୍ତି ଯେଉଁମାନେ କି ଘରର ଦୁଃଖ କଷ୍ଟ ଦେଖି ସହି ନ ପାରି ତାକୁ ସାହାଯ୍ୟ କରିବାକୁ ଆଗେଇ ଆସିଥା'ନ୍ତି । ଏହି ବିଷୟରେ ସତ ଘଟଣାଟିଏ ।

ଥରେ ଜଣେ ଯୁବକ କାର ଚଳାଇ ଯାଉଥିବାବେଳେ ରାସ୍ତା କଡ଼ରେ ପଡ଼ିଥିବା ଜରିକୁ ଗୋଟାଉଥିବା ଜଣେ ବୁଢ଼ୀକୁ ଦେଖି ଗାଡ଼ି ଅଟକାଇଲେ । ବୁଢ଼ୀଟି ପାଖକୁ ଯାଇ ତା'ର ଭଲ ମନ୍ଦ ଖବର ସବୁ ପଚାରିକି ବୁଝିଲେ । ବୁଢ଼ୀର କଥା କେତେ ସତ କେତେ ମିଛ ସେ କଥା ଜାଣିବା ପାଇଁ ତାକୁ କାର୍‌ରେ ବସାଇ ତାଙ୍କ ଘରକୁ ନେଇଗଲେ । ଘରେ ପହଞ୍ଚିବାରୁ ଜାଣିଗଲେ ସେ ଜଣେ ନିରାଶ୍ରୟୀ । ତା' ସହିତ ମନ ଖୋଲି କଥା ହେଲେ ।


ବୁଢ଼ୀଟିକୁ କାର୍‌ରେ ବସାଇ ବଜାରକୁ ଆସିଲେ । ଦୋକାନରୁ ଗୋଟିଏ ଠେଲାଗାଡ଼ି କିଣିଲେ । ପରିବା ମାର୍କେଟକୁ ଯାଇ କିଛି ପରିବା କିଣିବାପରେ ଓଜନ କରି ବିକିବା ପାଇଁ ଦଣ୍ଡିପାଲା କିଣିଦେଲେ । ଏ ପରିବା ବିକ୍ରି କରି ଚଳିବା ପାଇଁ ବୁଝାଇବା ପରେ ହାତଖର୍ଚ୍ଚ ପାଇଁ କିଛି ଟଙ୍କା ଦେଲେ । ଏହାପରେ ଆଉ ଜରି ଗୋଟାଇବା ନ କରିବା ପାଇଁ ନିୟମ କରାଇଲେ ।



ବାବୁଙ୍କ ପାଖକୁ ଏତେ ସାହାଯ୍ୟ ପାଇ ବୁଢ଼ୀର ଆନନ୍ଦର ସୀମା ରହିଲା ନାହିଁ । ଯୁବକଟିକୁ ମନଖୋଲା ଆଶୀର୍ବାଦ କରି ଠେଲାଗାଡ଼ିକୁ ଆଗକୁ ଗଡ଼େଇଲା । ବୁଢ଼ୀର ମୁହଁରେ ହସ ଦେଖି ତା'ଠାରୁ ବିଦାୟ ନେଇ ଯୁବକ ଗାଡ଼ିରେ ବସି ନିଜ ରାସ୍ତାରେ ଚାଲିଗଲେ ।

**ଜନାର୍ଦ୍ଦନପୁର ପାଟଣା,**
**ରାମଚନ୍ଦ୍ରପୁର, କେନ୍ଦୁଝର**
**ମୋ-୯୯୩୭୫୨୩୩୭୪**

## ହେବୁନାହିଁ ଅମାନିଆ



ଦେବାଶିଷ ଚକ୍ରବର୍ତ୍ତୀ

ଟାଇଁ ଟାଇଁ ଖରା ମାଡି ଆସିଲାଣି
ସତେକି ଓକାଳେ ନିଆଁ
ଘରୁ ବାହାରକୁ ପାଦ କାଢ଼ିବାକୁ
ଲାଗୁଛି ଭାରି ଛାନିଆ ।।

ଦେହମୁହଁ ଜଳି ପୋଡି ଯାଉଅଛି
ବାଜିକି ଝାଞ୍ଜି ପବନ
ମଣିଷଙ୍କ ଠାରୁ ପଶୁପକ୍ଷୀଯାଏ
ବିକଳ ସଭିଙ୍କ ପ୍ରାଣ ।।

ଦିନୁଦିନ ଖରାତେଜ ବଢ଼ି ଯେବେ
ହେଉଅଛି ଟାଣ ଭାରି
ସେହି ଅନୁସାରେ ଅଂଶୁଘାତର
ଡର ଯାଉଅଛି ବଢ଼ି ।।


ଏ ସମୟେ ପୁଣି କାଳ ବଇଶାଖୀ
ବାଘପରି ଆସେ ମାଡି
ଚାଳକୁ ଓଲାରି ଗଛକୁ ଉପାଡି
ମନେ ଦିଏ ଭୟ ଭରି ।।

ପଦାକୁ ଜମାରୁ ପାଦ କାଢ଼ିବୁନି
ନଥିଲେ ଜରୁରୀ ଅତି
ଦହି, ଲେମ୍ବୁପାଣି, ତୋରାଣି ହଟାଏ
ଅଂଶୁଘାତର ଭୀତି ।।

ଆମେ ଯଦି ବାପା ମାଆଙ୍କ କଥାରେ
ହେବୁନାହିଁ ଅମାନିଆ
ଖରାର ପ୍ରକୋପ ଯେତେ ବଢ଼ିଲେବି
ଡରିବୁ ତାହାକୁ କିଆଁ ?

**ମଣ୍ଡୁଆ, କେନ୍ଦୁଝର ଗଡ଼**
**ମୋ-୯୪୩୭୭୫୨୩୯୫**

## କାହିଁକି ଏମିତି ଖରା



ଭକ୍ତ ଚରଣ ସାହୁ

କାହିଁକି ଏମିତି ଖରା
ତତେଇ ଦେଉଛି ଧରା ।
ଏହା ପୂରୁବରୁ ଏମିତିକା ଖରା
ଦେଖି ନଥିଲେଟି ପରା ।।

ନିଆଁର ଝୁଲଟେ ସତେ
ଆକାଶରୁ ଖସେ ମର୍ତ୍ତେ ।
କୋପରେ ତାହାର ଜଳୁଛି ଦୁନିଆ
ଯାହା ଜଣା ଯାଏ ମତେ ।।

ସେ ଆସିଛି ଏମିତି ମାତି
ବହୁଛି ପବନ ତାତି ।
ମୁହଁ କାନ ସବୁ ପୋଡ଼ି ହୋଇଯାଏ
ସହି ଯାଉ ମଥା ପାତି ।।

ସକାଳରୁ ସଞ୍ଜ ଯାଏ
ଏ ଖରା ଏମିତି ଥାଏ ।
ଗୁଲୁଗୁଳି ଆଉ ତତଲା ପବନେ
ଜୀବନଟା ଦୁଃଖ ପାଏ ।।

ଖରା ମାରେ ଟାଇଁ ଟାଇଁ
ତଥାପି ଖାତିରି ନାହିଁ ।
ଘରେ ନବସିକି ମଣିଷ ଧାଉଁଛି
ପେଟ ଚାଖଣ୍ଡକ ପାଇଁ ।।

ବରଷା ଆସିଲେ କାଲି
ଟାଣ ଖରା ଯିବ ଚାଲି ।
ରୂପ ବଦଳାଇ ନରମି ଗଲେସେ
ଶୀତଳ ଥିବରେ ଖାଲି ।।

**ପଣସପୁର, ବାଲିଚନ୍ଦ୍ରପୁର, ଯାଜପୁର**
**ମୋ-୯୪୩୭୨୭୬୬୩୩**

## ତୁମ ତୂଳୀର





**ସାନ୍ୱୀ ନାୟକ, କ୍ଲାସ-୬**
**ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ, କେଦାରଗୌରୀ ଓଲ୍ଡ ଟାଉନ, ଭୁବନେଶ୍ୱର**





**ଅନ୍ୱେଷା ମହାପାତ୍ର, ଷ୍ଟାଣ୍ଡାର୍ଡ -୧**
**ସାଇ ଆଙ୍ଗନ, ଭୁବନେଶ୍ୱର**

## ତୁମ ପାଇଁ ବହିଟିଏ




**ହଡ଼ବଡ଼ ଗଡ଼ବଡ଼**
ଲେଖକ :
**ବିଜୟ କୁମାର ନାଥ**
ପ୍ରକାଶକ :
**ପ୍ରଜ୍ଞାନ ପବ୍ଲିକେଶନ୍ସ**
ଜାରକା, ଯାଜପୁର
ମୂଲ୍ୟ : ଟ. ୬୯/-
ପୃଷ୍ଠା : ୫୬

ବିଜୟ କୁମାର ନାଥ ବୃତ୍ତିରେ ଜଣେ ଶିକ୍ଷକ ହେଲେ ବି ପ୍ରବୃତ୍ତିରେ ଜଣେ ସାରସ୍ୱତ ସ୍ରଷ୍ଟା । ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ରାଜ୍ୟ ଓ ଜାତୀୟ ପୁରସ୍କାର ପାଇଛନ୍ତି । ଏଥି ପୂର୍ବରୁ ଶ୍ରୀ ନାଥଙ୍କର 'ସାନ ପିଲାଙ୍କ ବଡ଼ କାମ', 'ବିଜ୍ଞାନ କୁଇଜ', 'ଗଣିତ ଖେଳ', 'ପିଲାଙ୍କ ପାଇଁ ଗୀତ', 'ପିଲାଙ୍କ ପାଇଁ ଗପ' ପ୍ରଭୃତି ପ୍ରାୟ ୨୧ ଖଣ୍ଡ ପୁସ୍ତକ ପ୍ରକାଶ ପାଇ ପ୍ରଶଂସିତ ହୋଇଛି । 'ହଡ଼ବଡ଼ ଗଡ଼ବଡ଼' ୪୨ଟି ଶିଶୁ କବିତାର ଏକ ମନୋଜ୍ଞ ସଂକଳନ । ଏଥିରେ 'ହଡ଼ବଡ଼ ଗଡ଼ବଡ଼', 'ବୋଲେ ହୁଁଟି', 'ଜନମ ଦିନ', 'ଝାଡୁ', 'ଏଇ ହାତ', 'ଜଳୁଛି ଜଙ୍ଗଲ', 'ପରିବେଶ ସାଥି', 'ଟିକି ପିଲା', 'କେତେ ମଜା ହୁଅନ୍ତା' ପ୍ରଭୃତି କବିତାରେ ରହିଛି ସ୍ନେହ, ପ୍ରେମ, ବଦାନ୍ୟତା, ଜାତୀୟତା ବୋଧ, ପରିବେଶ ସଚେତନତା, ବିଜ୍ଞାନର କରାମତି, ପ୍ରକୃତି ପ୍ରୀତି, ବାପା ମା ଓ ପରିବାର ପ୍ରତି ସ୍ନେହ ଆଦର, ଯେମିତି କାମକୁ ସେମିତି ଫଳ ପରି ଅନେକ ଶିକ୍ଷଣୀୟ ଓ ମନୋରଂଜନଧର୍ମୀ କବିତା ସ୍ଥାନିତ ହୋଇଛି । ଏଗୁଡ଼ିକ ଆମ ପିଲାମାନଙ୍କୁ ଜଣେଜଣେ ସୁନାଗରିକ କରି ଗଢ଼ି ତୋଳିବା ସହିତ ଏକ ସୁସ୍ଥ ସୁନ୍ଦର ସମାଜ ଗଠନର ପ୍ରୟାସ କରାଯାଇଛି । ବହିଟି ପଢ଼ି ପିଲାଏ ଖୁସି ହେବେ ବୋଲି ଆମର ଆଶା ଓ ବିଶ୍ୱାସ ।

## ଆମ ଝିଅ ଇନ୍ଦିରା



ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଅମାନିଆ ଝିଅଟିଏ ନାଆଁ ତା'ର ଇନ୍ଦିରା
ପାଠପଢ଼ା ଛାଡ଼ି ଖାଲି ବଜେଇଲା ମନ୍ଦିରା ।
ମାଆ ତାକୁ ଗାଳିକଲେ ବାପା ହେଲେ ବିରକ୍ତ
ପାଖେ ବସି ବୁଝେଇଲା ବଡ଼ଭାଇ ବସନ୍ତ ।।
"ଭଉଣୀ ମୋ ପାଠ ପଢ଼ ଏବେ ପାଟି ଫିଟେଇ
ଆଣିଦେବି ଖେଳଣା ମୁଁ ଆଣିଦେବି ମିଠେଇ ।।
ପାଠ ପଢ଼ି ବଡ଼ ହେଲେ ମିଳେ ଉଚ୍ଚ ଆସନ
ଭଉଣୀ ମୋ, ଏ ଦେଶକୁ କରିବୁ ତୁ ଶାସନ" ।।
ଭାଇ କଥା ମାନି ଝିଅ ପଢ଼େ ମନ ଲଗେଇ
ଶୋଇଲା ସିଂହୀକୁ ସିଏ ଦେଲା କିବା ଜଗେଇ ??
ଅମାନିଆ ନୁହେଁ ଏବେ ଆମ ଝିଅ ଇନ୍ଦିରା
ବଡ଼ ହେଲେ ହୋଇବ ସେ "ନନ୍ଦିନୀ" କି "ଇନ୍ଦିରା" ।।

**ଭାରତୀ କୁଟୀର, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର**
**ମୋ-୮୨୪୯୮୦୭୨୬୭**



## କହିଲ ଦେଖି ?

ପରିବା ଭିତରେ ମୁଁ ପରା ରଜା
ରସା, ତରକାରୀ, କୁରୁମା, ଭଜା ।
ଯାହା କର ମତେ ସୁଆଦ ଲାଗେ
ରାନ୍ଧୁଣିଆ ଯଦି ରାନ୍ଧିବ ବାଗେ ।
ହାତ ଚାଟି ଚାଟି ଖାଇବ ମତେ
ମନରେ ଆନନ୍ଦ ପାଇବ କେତେ ।
ପରିବା ମୁଁ ଏକ ଲଟାରେ ଫଳେ
ଲୋଟିଯାଏ ମୁହିଁ ଧରଣୀ ତଳେ ।
ବାହାଘର ଅବା ନିଆ ନିମନ୍ତ
ଖୋଜାପଡ଼େ ଆଗ ମୁହିଁ ତୁରନ୍ତ ।
ଏଥର ମୋହର ନାଆଁଟି କୁହ
ସୁନାପିଲାଟିଏ ହୁଅରେ ହୁଅ ।

(ଣଓାଢଽ : ଢଊଊ)

ସଂଯୋଜନା
**ଡକ୍ଟର ସୁନାମଣି ରାଉତ**
ରାଜାବଗିଚା, କଟକ - ୯
ମୋ - ୯୪୩୭୧୯୨୮୯୦
ଇମେଲ୍– sunamani.rout@gmail.com

